# ଗର୍ବିତ ଓଡ଼ିଆ

ODIA WEEKLY ● GARVIT ODIA

ରାଜ୍ୟସଭାରେ ଓଡ଼ିଆ ନେତ୍ରୀ

ମନୀଷ-କେଜ୍ରିୱାଲ୍ ଦମନ

ସରିଗଲା କି ଗିରିଧରଙ୍କ ରାଜନୀତି

କଟକ ନେତାଙ୍କ ପତିଆରା କମୁଛି !

ସମୀରଙ୍କ ବିକଳ୍ପ ହୋଇପାରିବେ କି ସୁବ୍ରତ ?

ନବୀନ ଫିଟ୍ ଆଣ୍ଡ ଫାଇନ୍

ଭଲ ଲାଗିଲେ ଟଙ୍କାଟିଏ ଦିଅନ୍ତୁ

PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-15 02 MARCH - 08 MARCH 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୧୫ ୦୨ ମାର୍ଚ୍ଚ - ୦୮ ମାର୍ଚ୍ଚ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର





# ରକ୍ତର ହୋଲି



ଆମ ଏଠି ଠାକୁର ଗାଁ ଦାଣ୍ଡରେ ଭୋଗ ଖାଉଛନ୍ତି, ଅବିର ଖେଳୁଛନ୍ତି। ଲୋକେ ବି ରଙ୍ଗ ବୋଳାବୋଳି ଆରମ୍ଭ କରିଦେଲେଣି। ଏମିତିବି ଗତ ଦେଢ଼ ବର୍ଷ ଧରି ସରକାରୀ କାନ୍ଥରେ ରଙ୍ଗ ବୋଳା ଚାଲିଛି। କିନ୍ତୁ ଆମକୁ ଆଲୋଡ଼ିତ କରୁଛି ଆମେରିକା ଖେଳୁଥିବା ରକ୍ତର ହୋଲି। ସମ୍ପ୍ରତି ମଧ୍ୟପ୍ରାଚ୍ୟ ଜଳୁଛି। ଇରାନର ସର୍ବୋଚ୍ଚ ନେତା ଖାମେନେଇଙ୍କ ସମେତ ଚାରି ପାଞ୍ଚ ଡଜନ ଆଗଧାଡ଼ିର ନେତା ଆମେରିକା ବୋମାମାଡ଼ରେ ପ୍ରାଣ ହରାଇଛନ୍ତି। ଶତାଧିକ ନୀରିହ ସ୍କୁଲ ଛାତ୍ରଛାତ୍ରୀ ବି ଅକାଳରେ ଝଡ଼ିଗଲେଣି। ଅଧିକ ଦରମା ଆଶାରେ ମଧ୍ୟପ୍ରାଚ୍ୟର ବିଭିନ୍ନ ଦେଶରେ କାମ କରୁଥିବା ଭାରତୀୟମାନେ ଓ ଏଠି ତାଙ୍କ ପରିବାର ବି ପ୍ରମାଦ ଗଣୁଛନ୍ତି । କେତେକ ଭାବିପାରନ୍ତି, ଆମେ ତ ଶାନ୍ତିରେ ଅଛେ, ସେ ସବୁ ମୁସଲିମ୍ ଦେଶର ଲୋକଙ୍କ ପାଇଁ ଆମର କାଇଁ ଚିନ୍ତା । ଆଜ୍ଞା ଚିନ୍ତା କରିବାକୁ ପଡ଼ିବ। କାହିଁକିନା ଗୋଟିଏ ପଟେ ଜଣଙ୍କ ପରେ ଜଣେ ମଣିଷ ଟଳି ପଡୁଥିବାବେଳେ ଅପରପକ୍ଷରେ ବିଶ୍ୱ ବଜାର ବି ଗଳି ପଡ଼ିଛି। କହିବାର କଥା ହେଉଛି, ମଧ୍ୟପ୍ରାଚ୍ୟ ହେଉଛି ତୈଳ ସମୃଦ୍ଧ ରାଷ୍ଟ୍ର। ସେଠି ଯୁଦ୍ଧର ବିଭୀଷିକା ଜାରିରହିଲେ ପେଟ୍ରୋଲ, ଡିଜେଲ ଆହୁରି ମହଙ୍ଗା ହୋଇଯିବ। ଆଜିକାଲି ତେଲ ବିନା ଚଳିବା ମୁସ୍କିଲ ବ୍ୟାପାର । ଏଇ ଦି ଚାରିଦିନ ଭିତରେ ଏହାର ପ୍ରତିକୂଳ ପ୍ରଭାବ ବି ପଡ଼ି ସାରିଲାଣି। ସୁନା ଦାମ୍ ୨ ଲକ୍ଷ ଛୁଇଁବାକୁ ବସିଲାଣି। ଷ୍ଟକ ମାର୍କେଟରେ ନିଆଁ ଲାଗିଯିବାରୁ ନିବେଶକଙ୍କର ଲକ୍ଷ ଲକ୍ଷ କୋଟି ସ୍ୱାହା ହୋଇସାରିଲାଣି। ମଧ୍ୟପ୍ରାଚ୍ୟରେ ସିନା ନିଆଁ ଲାଗିଛି, ସେଠି ଅଟ୍ଟାଳିକା ଧ୍ୱଂସ ହେଉଛି, ହେଲେ ବିଶ୍ୱର ଆର୍ଥିକ ବଜାରରେ ବି ସେ ନିଆଁ ଲାଗିଗଲାଣି। ଅର୍ଥନୀତି ଏକ ଶୃଙ୍ଖଳରେ ବନ୍ଧା । ଗୋଟିଏ କଡ଼ି ଛିଣ୍ଡିଲେ ଅନ୍ୟ କଡ଼ି ବି ଛିଣ୍ଡିଯାଏ । ସେମିତି ସ୍ଥିତି ଉପୁଜି ସାରିଲାଣି । ପ୍ରଭୁ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା, ଏ ରକ୍ତର ହୋଲି ବନ୍ଦ ହେଉ ।

ଆଜ୍ଞା, ଆପଣମାନଙ୍କୁ ଦୋଳ ପୂର୍ଣ୍ଣିମା ଓ ହୋଲି ଅଭିନନ୍ଦନ। 'ଗର୍ବିତ ଓଡ଼ିଆ' ଆପଣଙ୍କ ମୁଣ୍ଡରେ ଟିକେ ଅବିର ପକାଇବାକୁ ଚାହେଁ । ହେଲେ କେଉଁ ରଙ୍ଗର ଅବିର? ଆଜିକାଲି ବଜାରରେ ମିଳୁଥିବା ଅବିର ସହ ବି ରାଜନୀତିକୁ ତଉଲାଗଲାଣି। ଦଳକୁ ଗୁଲିମାରହୋ, ଭାଇଚାରା ଜିନ୍ଦାବାଦ୍।

ODIA WEEKLY ● GARVIT ODIA

# ବିଜୁଙ୍କୁ ରାଜ୍ୟସଭା ପଠାଇଲେନି ଇନ୍ଦିରା





ସେତେବେଳେ ପ୍ରଧାନମନ୍ତ୍ରୀ ଥାଆନ୍ତି ଇନ୍ଦିରା ଗାନ୍ଧୀ। ବିଜୁ ପଟ୍ଟନାୟକଙ୍କର ଉଭୟ ରାଜ୍ୟ ଓ କେନ୍ଦ୍ର ରାଜନୀତିରେ ଦବଦବା ରହିଥାଏ । ସେହି ସମୟରେ ବିଜୁବାବୁ ରାଜ୍ୟସଭାକୁ ଯିବାପାଇଁ ଚାହୁଁଥିଲେ। କିନ୍ତୁ ଇନ୍ଦିରା ଗାନ୍ଧୀ ବିଜୁବାବୁଙ୍କୁ ରାଜ୍ୟସଭାକୁ ପଠାଇବାକୁ ଚାହିଁନଥିଲେ। କାହିଁକିନା ଇନ୍ଦିରା ତାଙ୍କ ଗୁଇନ୍ଦା ସୂତ୍ରରୁ ଜାଣିଥିଲେଯେ, ବିଜୁବାବୁ ତାଙ୍କ ଖାସ୍ ଲୋକ ବୋଲି ପ୍ରଚାର କରୁଥିଲେବି ସେ ସିଣ୍ଡିକେଟ୍ କଂଗ୍ରେସ ସହ ମିଶି ଗୋପନ ରଣନୀତି କରୁଥିଲେ । ବିଜୁବାବୁ ରାଜ୍ୟର ଉଭୟ କଂଗ୍ରେସ ଗୋଷ୍ଠୀକୁ ସାହାଯ୍ୟ ସହଯୋଗ କରୁଥିବାରୁ ନେତା ଓ କର୍ମୀବି ଦ୍ୱନ୍ଦ୍ୱରେ ରହିଥିଲେ। ତେବେ ରାଜ୍ୟସଭାକୁ ଯାଇନପାରିବାରୁ କ୍ଷୁବ୍ଧ ହୋଇ ଯାଇଥିଲେ ବିଜୁ। ସ୍ୱରାଜ ଆଶ୍ରମରେ ପ୍ରଦେଶ କଂଗ୍ରେସ କମିଟି ବୈଠକରେ ବିଜୁବାବୁ ଅସନ୍ତୋଷ ଝାଡ଼ିବା ସହ ଉତ୍କଳ କଂଗ୍ରେସ ଗଠନ ପାଇଁ ଘୋଷଣା କଲେ। ଫଳରେ ସଭା ମଝିରୁ ଇନ୍ଦିରାଙ୍କ ସମର୍ଥକମାନେ ଉଠିଆସି ଓଡିଶା ପ୍ରଦେଶ କଂଗ୍ରେସ (ଇନ୍ଦିରା ଗାନ୍ଧୀ) ଗଠନ କରିଥିଲେ। ସେପଟେ ବିଜୁବାବୁଙ୍କ ବଦଳରେ ନନ୍ଦିନୀ ଶତପଥିଙ୍କ ଉପରେ ଇନ୍ଦିରା ବେଶୀ ଭରସା କରୁଥିଲେ । ନନ୍ଦିନୀଙ୍କର ଦବଦବା ବଢ଼ି ଚାଲିଥିବାବେଳେ ବିଜୁଙ୍କ ଅନୁପସ୍ଥିତି ତାଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଥିଲା ।

ବି.ଦ୍ର: 'ଗର୍ବିତ ଓଡ଼ିଆ' ସଂକ୍ରାନ୍ତୀୟ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣୀ ଭୁବନେଶ୍ୱର କୋର୍ଟରେ କରାଯିବ।




## ବାବା ଅବ୍ଜର୍ଭାନନ୍ଦ

ବଡ଼ ବିଭାଗର ମନ୍ତ୍ରୀ ସିଏ,
ଦେଶକୁ ଆଗେଇ ନିଏ ଯିଏ,
ଚେହେରାରେ ରାଜକୀୟ ଠାଣି ତାଙ୍କ
ଜ୍ଞାନରେ ତାଙ୍କର ସରି କିଏ ?


ହାତେଇବା ପାଇଁ ଦିଲ୍ଲୀ ଗଦି,
ନିର୍ଦ୍ଦେଶ ଯେବେ ଦେଲେ ମୋଦୀ,
କେଜେରିବାଲଙ୍କୁ ଫସାଇବା ପାଇଁ
ଖଟାଇଲେ ସିଏ ମନ୍ଦବୁଦ୍ଧି ।

ଡକାଇଲେ ସିଏ ପୋଷା ଶୁଆ,
ଇଡି ସିବିଆଇ ହେଲେ ଠିଆ,
ବାଛି ବାଛି କରି ବାହାର କରିଲେ
ମଦ ଦୁର୍ନୀତି ଆଇଡିଆ ।

ସୁଯୋଗ ଦେଖିକି ପଡେ ଜାଲ,
ଝାଡୁ ନେତା ହେଲେ କଲବଲ,
ରାଜଧାନୀ ରାଜନୀତି ପୋଖରୀରେ
ଫୁଟିଗଲା ଖାଲି ପଦ୍ମଫୁଲ ।

ଏହା ପରେ ଗଲା କିଛି ଦିନ,
କୋର୍ଟଙ୍କ ଗତି ହେଲା ଭିନ୍ନ,
କହିଲେ ଏମିତି ବାନ୍ଧି ପାରିବନି
ଯେତେବେଳେ ଯାହା ହେବ ମନ ।

ଯଦି ବଦଳିବ ସରକାର,
ନିଶ୍ଚେ ହେବ ବାବୁ ଥର ହର,
ଯେସାକୁ ତେସା ନୀତି ଲାଗୁ କରି
ହିସାବ ହୋଇବ ବରାବର ।



# ରାଜ୍ୟସଭାରେ ଓଡ଼ିଆ ନେତ୍ରୀ

ଓଡ଼ିଆ
ODIA WEEKLY • GARVIT ODIA

**ଏଯାଏଁ ୧୩୨ ନେତା-ନେତ୍ରୀ ଓଡ଼ିଶାରୁ ରାଜ୍ୟସଭା ସାଂସଦ ହେବାର ଗୌରବ ଅର୍ଜନ କରିଛନ୍ତି । କଂଗ୍ରେସରୁ ସର୍ବାଧିକ ୫୨ ଜଣ ଯାଇଥିବାବେଳେ ବିଜେଡ଼ିରୁ ଯାଇଛନ୍ତି ୩୬ । ତେବେ ପୁରୁଷ ପ୍ରାଧାନ୍ୟ ରାଜନୀତିରେ ମହିଳା ନେତ୍ରୀଙ୍କୁ କିନ୍ତୁ ସେମିତି ଗୁରୁତ୍ୱ ମିଳିନାହିଁ ତଥାପି ଯେଉଁ ମହିଳା ନେତ୍ରୀମାନେ ଉଚ୍ଚ ସଦନରେ ଓଡ଼ିଶାର ହକ୍ ପାଇଁ ଲଢ଼େଇ କରିଛନ୍ତି ସେମାନଙ୍କ ସମ୍ପର୍କରେ କିଛି କଥା ।**

## ପ୍ରଥମ ମହିଳା ରାଜ୍ୟସଭା ସାଂସଦ
## ଶୈଳବାଳା ଦାସ (କଂଗ୍ରେସ)

**୧୯୫୨-୧୯୫୪**



୧୯୫୨ରେ ହୋଇଥିବା ପ୍ରଥମ ରାଜ୍ୟସଭା ନିର୍ବାଚନରେ ଓଡ଼ିଶାରୁ ୯ ଜଣ ରାଜ୍ୟସଭାକୁ ଯାଇଥିଲେ । ସେମାନଙ୍କ ମଧ୍ୟରେ ଥିଲେ ଶୈଳବାଳା ଦାସ । ରାଜ୍ୟସଭାର ପ୍ରଥମ ଓଡ଼ିଆ ମହିଳା ସାଂସଦ ଭାବେ ସେ ଇତିହାସ ରଚିଛନ୍ତି । ପ୍ରସନ୍ନମୟୀ ଦେବୀ ଓ ଅମ୍ବିକା ଚରଣ ହାଜରାଙ୍କର ପ୍ରଥମ ଝିଅ ଶୈଳବାଳା ୨୫ ମାର୍ଚ୍ଚ ୧୮୭୫ରେ କଲିକତା ଠାରେ ଜନ୍ମ ଗ୍ରହଣ କରିଥିଲେ । ମାଆଙ୍କ ମୃତ୍ୟୁ ପରେ ମଧୁସୂଦନ ଦାସ ତାଙ୍କୁ ପୋଷ୍ୟ କନ୍ୟା ଭାବେ ଗ୍ରହଣ କରିଥିଲେ । ସେ ଓଡ଼ିଶାରେ ପ୍ରଥମ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ପରେ ତାଙ୍କ ନାମ ଅନୁସାରେ ଏହି ମହାବିଦ୍ୟାଳୟକୁ ଶୈଳବାଳା ମହିଳା ମହାବିଦ୍ୟାଳୟର ନାମକରଣ କରାଯାଇଛି । ସେ ହେଉଛନ୍ତି ଓଡ଼ିଶାର ପ୍ରଥମ ମହିଳା ଯିଏ ଉଚ୍ଚଶିକ୍ଷା ପାଇଁ ଲଣ୍ଡନ ଯାଇଥିଲେ । ୧୯୦୩ରେ 'ଉତ୍କଳ ୟଙ୍ଗ ୱିମାନ ଆସୋସିଏସନ୍' ଗଠନ କରିଥିଲେ । ହିନ୍ଦୁ ବିଧବାମାନଙ୍କ ପାଇଁ ତାଲିମ କେନ୍ଦ୍ର ଖୋଲି ସେମାନଙ୍କୁ ଶିକ୍ଷୟିତ୍ରୀ ହେବାର ତାଲିମ ପ୍ରଦାନ କରୁଥିଲେ । ୧୯୪୧ରେ ସେ ଗଢ଼ିଥିଲେ ନାରୀ ସେବା ସଂଘ । ବିହାର ପାଟଣାରେ ଥିବା ଜେଲର ପ୍ରଥମ ମହିଳା ଜେଲର ଭାବରେ କାମ କରିଥିଲେ । ପ୍ରିନ୍ସ ୱେଲ୍ସ ମେଡିକାଲ କଲେଜ ମ୍ୟାନେଜମେଣ୍ଟ କମିଟିରେ ସେ ପ୍ରଥମ ମହିଳା ସଦସ୍ୟା ଭାବେ କାମ କରିବା ସହ ପାଟଣା ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ସଦସ୍ୟ ବି ଥିଲେ । ଶୈଳବାଳା ହେଉଛନ୍ତି ପ୍ରଥମ ମହିଳା ଯିଏ ଦରମାବିହୀନ ମାଜିଷ୍ଟ୍ରେଟ୍ ଭାବେ କାର୍ଯ୍ୟକରି ଗୋଟିଏ ବର୍ଷ ଭିତରେ ୬୦୦ରୁ ଅଧିକ ମାମଲାର ରାୟ ଶୁଣାଇଥିଲେ । ଓଡ଼ିଶା ଓ ବିହାରର ଶେଷ ଲେଫ୍ଟନାଣ୍ଟ ଗଭର୍ଣ୍ଣର ଏଡୱାର୍ଡ ଏଲବର୍ଟ ତାଙ୍କୁ କେଶର ଏ ହିନ୍ଦ- ଗୋଲ୍ଡ ମେଡାଲ ପ୍ରଦାନ କରିବାକୁ ଇଚ୍ଛୁକ ଥିବାବେଳେ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ । ସେ ୧୯୫୨ରୁ ୧୯୫୪ ମସିହା ପର୍ଯ୍ୟନ୍ତ କଂଗ୍ରେସ ଦଳ ପକ୍ଷରୁ ରାଜ୍ୟ ସଭାରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ । ୨୯ ଏପ୍ରିଲ ୧୯୬୮ ସେ ମୃତ୍ୟୁବରଣ କରିଥିଲେ ।

ଗର୍ବିତ ଓଡ଼ିଆ

## ରାଜ୍ୟସଭାରୁ ପଡ଼ିଥିଲା ଆଇରନ୍ ଲେଡ଼ିଙ୍କ ମୂଳଦୁଆ

## ନନ୍ଦିନୀ ଶତପଥୀ (କଂଗ୍ରେସ)

୧୯୬୨-୧୯୭୨ (୨ଥର)



ଓଡ଼ିଶାର ପ୍ରଥମ ଓ ଆଜିକା ଦିନରେ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ ହେଉଛନ୍ତି ନନ୍ଦିନୀ ଶତପଥି । ୧୯୬୨ରୁ ୧୯୭୨ ପର୍ଯ୍ୟନ୍ତ ସେ ଥିଲେ ରାଜ୍ୟସଭାର ସାଂସଦ । ସେହି ସମୟରେ ସେ କେନ୍ଦ୍ରମନ୍ତ୍ରୀ ହେବା ସହ ଇନ୍ଦିରା ଗାନ୍ଧୀଙ୍କର ପ୍ରିୟପାତ୍ର ଥିଲେ। ରାଜ୍ୟସଭା ଯିବା ପରେ ହିଁ ତାଙ୍କର ପାୱାର ବଢ଼ିବା ସହ ରାଜ୍ୟ କଂଗ୍ରେସରେ ଦବଦବା ବଢ଼ିଥିଲା । ନନ୍ଦିନୀ ୯ ଜୁନ୍ ୧୯୩୧ରେ ପୁରୀ ଜିଲ୍ଲାରେ ଜନ୍ମ ଗ୍ରହଣ କରିଥିଲେ । ସେ ଥିଲେ ପ୍ରସିଦ୍ଧ କବି କାଳିନ୍ଦୀ ଚରଣ ପାଣିଗ୍ରାହୀ ଓ ରତ୍ନମଣି ପାଣିଗ୍ରାହୀଙ୍କର ଏକମାତ୍ର କନ୍ୟା । ସେ ଦେବେନ୍ଦ୍ର ଶତପଥୀଙ୍କୁ ବିବାହ କରିଥିଲେ । ୧୯୭୨ରୁ ୧୯୭୬ ମସିହା ପର୍ଯ୍ୟନ୍ତ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ରେଭେନ୍ସା ମହାବିଦ୍ୟାଳୟରୁ ଓଡ଼ିଆରେ ଏମଏ ପାସ୍ କରିଥିବା ନନ୍ଦିନୀ ଛାତ୍ର ଜୀବନରୁ ହିଁ ସ୍ୱାଧୀନତା ସଂଗ୍ରାମ ସହିତ ଜଡିତ ଥିଲେ। ୧୯୫୧ ଛାତ୍ର ଆନ୍ଦୋଳନରେ ଯୋଗଦେଇ ଗିରଫ ହୋଇଥିଲେ। ଇନ୍ଦିରାଗାନ୍ଧୀଙ୍କ ମନ୍ତ୍ରୀମଣ୍ଡଳରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିବା ନନ୍ଦିନୀ ୧୯୬୨ରୁ ୧୯୬୮ ପର୍ଯ୍ୟନ୍ତ କଂଗ୍ରେସ ଦଳର ସଦସ୍ୟ ଭାବେ ରାଜ୍ୟସଭାରେ ପ୍ରତିନିଧିତ୍ୱ କରିଥିଲେ। ପରେ ୧୯୬୮ରୁ ୧୯୭୨ ପର୍ଯ୍ୟନ୍ତ ସେ ରାଜ୍ୟସଭାକୁ ଯାଇଥିଲେ। ଏହାପରେ ସେ ଅନେକ ବାର ବିଧାୟକ ବି ହୋଇଛନ୍ତି। ୪ ଅଗଷ୍ଟ ୨୦୦୬ରେ ସେ ମୃତ୍ୟୁବରଣ କରିଥିଲେ।

## ସରସ୍ୱତୀ ପ୍ରଧାନ (କଂଗ୍ରେସ (ଆଇ))

୧୯୭୨-୧୯୭୮



୧୯୫୨ ମେ ୩୦ରେ ବରଗଡ଼ ଜିଲ୍ଲାର କେନ୍ଦୁପାଲି ଗାଁରେ ଜନ୍ମ ହୋଇଥିଲେ ସରସ୍ୱତୀ ପ୍ରଧାନ। ଜଣେ ଶିକ୍ଷକ ଭାବରେ ନିଜ ପେଷାଦାର ଜୀବନ ଆରମ୍ଭ କରିଥିଲେ ସରସ୍ୱତୀ। ୧୯୫୬ରେ କାମଗନ ଉଚ୍ଚ ବିଦ୍ୟାଳୟରେ ସେ ଥିଲେ ପ୍ରଥମ ପ୍ରଧାନ ଶିକ୍ଷୟିତ୍ରୀ। ୧୯୬୧ରେ କଂଗ୍ରେସ ଦଳ ପକ୍ଷରୁ ତାଙ୍କୁ ଭଟଲି ନିର୍ବାଚନମଣ୍ଡଳୀରୁ ଲଢ଼ିବା ପାଇଁ ଟିକେଟ୍ ଦିଆଯାଇଥିଲା। ଆରମ୍ଭରୁ ରାଜନୀତିରେ ପଶିବା ପାଇଁ ଅନିଚ୍ଛୁକ ଥିବା ସରସ୍ୱତୀ କିନ୍ତୁ ସେହି ନିର୍ବାଚନରେ ବିଜୟ ଲାଭ କଲେ । ପରେ ପୁଣି ୧୯୬୭ ନିର୍ବାଚନରେ ବି ସେ ବିଜୟୀ ହେଲେ । ସେହି ବର୍ଷ ସେ ପଶ୍ଚିମ ଓଡ଼ିଶାର ପ୍ରଥମ ମହିଳା ଭାବରେ ରାଜ୍ୟର ଶିକ୍ଷାମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିଥିଲେ । ତେବେ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ୧୯୭୧ରେ ସେ ଉତ୍କଳ କଂଗ୍ରେସ ଦଳରୁ ଭଟଲୀରେ ତୃତୀୟ ଥର ନିର୍ବାଚନ ଲଢ଼ି ସେ ହାରିଯାଇଥିଲେ । ଏହା ପରେ ୧୯୭୨ରେ ସେ ରାଜ୍ୟସଭାକୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ୨୦୨୩ ନଭେମ୍ବର ୨ ତାରିଖରେ ୯୮ ବର୍ଷରେ ମୃତ୍ୟୁବରଣ କରିଥିଲେ ।

## ମିରା ଦାସ (ଜନତା ଦଳ)

୧୯୯୦-୧୯୯୬



ମୀରା ଦାସ ୧୦ ନଭେମ୍ବର ୧୯୪୧ ମସିହାରେ କଟକ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପାଙ୍କ ନାଁ ବଳରାମ ଦାସ ଓ ମାଆଙ୍କ ନାମ ପଦ୍ମାବତୀ ଦାସ । ସେ ଏମ.ଏ ଏଲଏଲବି ପାସ୍ କରିଥିଲେ। ୧୯୯୦ରୁ ୧୯୯୬ ମସିହା ପର୍ଯ୍ୟନ୍ତ ସେ ଜନତା ଦଳ ପକ୍ଷରୁ ରାଜ୍ୟସଭାରେ ପ୍ରତିନିଧିତ୍ୱ କରିଥିଲେ ।

## ଇଲା ପଣ୍ଡା (ଜନତା ଦଳ)

୧୯୯୨-୧୯୯୮



ଇଲା ପଣ୍ଡା ହେଉଛନ୍ତି ଓଡ଼ିଶାର ପ୍ରତିଷ୍ଠିତ ପ୍ରାଧ୍ୟାପକ ପ୍ରଫେସର ଘନଶ୍ୟାମ ଦାଶଙ୍କର ଝିଅ । ପ୍ରଫେସର ଦାଶ ଇଂଲଣ୍ଡରୁ ପାଠ ପଢ଼ି ଫେରିବା ପରେ ଓଡ଼ିଶାରେ ପିଲାମାନଙ୍କୁ ପାଠ ପଢ଼ାଉଥିଲେ । ଇଲା ୧୯୩୨ ମସିହା ଅକ୍ଟୋବର ମାସ ୨୬ ତାରିଖରେ ଜନ୍ମ ହୋଇଥିଲେ । ସେ ମଧ୍ୟ ଲଣ୍ଡନରୁ ଟେକ୍ସଟାଇଲ ଡିଜାଇନିଂ ପାଠ ପଢ଼ି ଓଡ଼ିଶାରେ ବ୍ୟବସାୟିକ ପ୍ରତିଷ୍ଠାନ ଆରମ୍ଭ କରିଥିଲେ । ସ୍ୱାମୀ ତଥା ବିଶିଷ୍ଟ ବ୍ୟବସାୟୀ ଡ.ବଂଶୀଧର ପଣ୍ଡାଙ୍କ ସହିତ ମିଶି ଇଲା ପଣ୍ଡା ଇମ୍ଫା ପ୍ରତିଷ୍ଠା କରିଥିଲେ । ସେ ୧୯୯୨ରୁ ୧୯୯୮ ମସିହା ପର୍ଯ୍ୟନ୍ତ ରାଜ୍ୟସଭା ସଦସ୍ୟ ଭାବେ ଜନତା ଦଳ ତରଫରୁ ପ୍ରତିନିଧିତ୍ୱ କରୁଥିଲେ। ସେ ଓଡିଶାରେ ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ ସମ୍ମାନ ଶାରଳା ସମ୍ମାନର ପ୍ରଚଳନ କରାଇଥିଲେ ।

## ଜୟନ୍ତୀ ପଟ୍ଟନାୟକ (କଂଗ୍ରେସ ଆଇ)


୧୯୯୬-୧୯୯୮



ଜୟନ୍ତୀ ପଟ୍ଟନାୟକ ୭ ଏପ୍ରିଲ ୧୯୩୨ରେ ଗଞ୍ଜାମ ଜିଲ୍ଲାର ଆସ୍କାଠାରେ ଜନ୍ମଗ୍ରହଣ କରିଥିଲେ। ଜଣେ ବିଶିଷ୍ଟ ଭାରତୀୟ ରାଜନୀତିଜ୍ଞ, ସମାଜସେବୀ ଏବଂ ସାହିତ୍ୟିକା ଥିଲେ। ସେ ଜାତୀୟ ମହିଳା କମିଶନର ପ୍ରଥମ ଅଧ୍ୟକ୍ଷା ଭାବରେ କାର୍ଯ୍ୟ କରିଥିଲେ। କଟକର ଶୈଳବାଳା ମହିଳା କଲେଜରୁ ସ୍ନାତକ ଏବଂ ମୁମ୍ବାଇର ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସରୁ ସମାଜସେବାରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ। ସେ ଭାରତୀୟ ଜାତୀୟ କଂଗ୍ରେସର ଜଣେ ବରିଷ୍ଠ ନେତ୍ରୀ ଥିବାବେଳେ ଚାରିଥର ସାଂସଦ ଭାବରେ ନିର୍ବାଚିତ ହୋଇଥିଲେ (୩ ଥର ଲୋକସଭା ଓ ୧ ଥର ରାଜ୍ୟସଭା) । ସେ କଟକ ଏବଂ ବ୍ରହ୍ମପୁର ଲୋକସଭା ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରିଥିଲେ। ଜୟନ୍ତୀ ପଟ୍ଟନାୟକ ଜଣେ ଜଣାଶୁଣା ଲେଖିକା ଓ ଅନୁବାଦିକା ଥିଲେ। ସେ କେଏମ୍ ମୁନ୍ସୀଙ୍କ 'କୃଷ୍ଣାବତାର' ପୁସ୍ତକକୁ ଓଡ଼ିଆରେ ଅନୁବାଦ କରିଥିଲେ। ସାହିତ୍ୟ ପତ୍ରିକା 'ପୌରୁଷ'ର ସମ୍ପାଦିକା ମଧ୍ୟ ଥିଲେ। ସେ ଥିଲେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପତ୍ନୀ ।

## ଫ୍ରିଡା ଟପ୍ନୋ (କଂଗ୍ରେସ)

୧୯୯୮-୨୦୦୨



ଫ୍ରିଡା ଟପ୍ନୋ ୨୦ ସେପ୍ଟେମ୍ବର ୧୯୨୫ରେ ସୁନ୍ଦରଗଡ଼ ଜିଲ୍ଲାର ରଣଗାଁରେ ଜନ୍ମଗ୍ରହଣ କରିଥିଲେ। ଫ୍ରିଡା ହେଉଛନ୍ତି ଓଡ଼ିଶାର ପ୍ରଥମ ଆଦିବାସୀ ମହିଳା ସ୍ନାତକ । ୧୯୫୦ରେ ଓଡ଼ିଶା ସରକାରଙ୍କ ଜିଲ୍ଲା କଲ୍ୟାଣ (ଗେଜେଟେଡ୍) ଅଧିକାରୀ ଭାବରେ ତାଙ୍କର କ୍ୟାରିଅର୍ ଆରମ୍ଭ କରିଥିଲେ । ୧୯୮୩ରେ ଆଦିବାସୀ ଏବଂ ହରିଜନ କଲ୍ୟାଣ ବିଭାଗରେ ଉପ-ନିର୍ଦ୍ଦେଶକ-ସଚିବ ଭାବରେ ଅବସର ଗ୍ରହଣ କରିଥିଲେ। ୧୯୮୫ରେ, ସେ କଂଗ୍ରେସ ପ୍ରାର୍ଥୀ ଭାବରେ ସୁନ୍ଦରଗଡ଼ର ରଘୁନାଥପାଲି ବିଧାନସଭା ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ। ୧୯୯୧ ଏବଂ ୧୯୯୬ରେ କଂଗ୍ରେସ ଟିକେଟରେ ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀରୁ ଦଶମ ଏବଂ ଏକାଦଶ ଲୋକସଭାକୁ ଦୁଇଥର ନିର୍ବାଚିତ ହୋଇଥିଲେ । ରାଉରକେଲାର ଜଳଦାରେ ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟ ଓ ବିର୍ସା ମୁଣ୍ଡା ପୁରସ୍କାର ଆରମ୍ଭ କରିଥିଲେ। ୧୯୯୬ରେ ବେଜିଂରେ ଅନୁଷ୍ଠିତ ବିଶ୍ୱ ମହିଳା ସମ୍ମିଳନୀରେ ସଂସଦୀୟ ପ୍ରତିନିଧି ଦଳର ସଦସ୍ୟ ଭାବରେ ଯୋଗ ଦେଇଥିଲେ। ସେ ୧୯୯୮ରୁ ୨୦୦୨ ପର୍ଯ୍ୟନ୍ତ ରାଜ୍ୟସଭା ସଦସ୍ୟ ମଧ୍ୟ ଥିଲେ। ଫ୍ରିଡା ଭାରତୀୟ ମହିଳା ହକି ଫେଡେରେସନର ଜାତୀୟ ଉପାଧ୍ୟକ୍ଷ ଏବଂ ଓଡ଼ିଶା ମହିଳା ହକି ସଂଘର ସଭାପତି ଥିଲେ। ଏହି ବରିଷ୍ଠ କଂଗ୍ରେସ ନେତ୍ରୀ ୬ ଫେବୃଆରୀ ୨୦୧୮ରେ ୯୨ ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି ।

## ସୁଶ୍ରୀ ଦେବୀ (ବିଜେଡି)



୨୦୦୨-୨୦୦୮

୧୯୫୦ ମସିହା ଅକ୍ଟୋବର ୧୦ରେ ଛତିଶଗଡ଼ ରାଇପୁର ଠାରେ ଏକ ରାଜ ପରିବାରରେ ସୁଶ୍ରୀ ଦେବୀଙ୍କର ଜନ୍ମ । ଅନୁପ ସିଂହ ଦେଓ ଓ ମାତା ସୌଭାଗ୍ୟମଞ୍ଜରୀ ଦେବୀଙ୍କର ଝିଅ ସୁଶ୍ରୀ ୨୭ ଜାନୁଆରୀ ୧୯୬୯ରେ ଶରତ କୁମାର ଦେଓଙ୍କୁ ବିବାହ କରି ଓଡ଼ିଶା ଆସିଥିଲେ । ବିବାହ ପରେ ପାଠ ପଢ଼ା ଜାରି ରଖି ସେ କଟକର ଶୈଳବାଳା କଲେଜରୁ ବିଏ ପାସ୍ କରିଥିଲେ । କେନ୍ଦ୍ରାପଡା ଜିଲ୍ଲାର ଆଳି ଠାରେ ବର୍ଦ୍ଧିତ ଜଳ କର ବିରୋଧରେ ୧୯୭୧ରେ ହୋଇଥିବା କୃଷକ ଆନ୍ଦୋଳନରେ ସେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ୧୯୭୭ରେ କେନ୍ଦ୍ରାପଡା ଜିଲ୍ଲାରେ ଝିଅମାନଙ୍କର ଶିକ୍ଷାପାଇଁ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା, ୧୯୭୧ ଓ ୧୯୯୯ ବନ୍ୟା ବାତ୍ୟାରେ ଆଳି ଲୋକଙ୍କ ପାଇଁ ସହାୟତା ପ୍ରଦାନ ଏବଂ ପ୍ରତ୍ନତତ୍ତ୍ୱ ଭିତ୍ତିକ ସଂରକ୍ଷଣ କାର୍ଯ୍ୟରେ ସେ ଜଡିତ ଥିଲେ । ସେ ଲିଫ୍ଟ ଇରିଗେସନ କର୍ପୋରେସନ, ଓଡ଼ିଶାରେ ତିନି ବର୍ଷ ଧରି ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ବୋର୍ଡରେ ପାଞ୍ଚ ବର୍ଷ ପାଇଁ ସଦସ୍ୟ ଭାବେ ଓ ଟିଏସିରେ ୪ ବର୍ଷ ପାଇଁ ସଦସ୍ୟ ଭାବେ କାମ କରିଥିଲେ ।

## ପ୍ରମିଳା ବହିଦାର (ବିଜେଡି)



୨୦୦୨-୨୦୦୮

୧୯୪୯, ଫେବୃଆରୀ ୩ରେ ସମ୍ବଲପୁର ଠାରେ ପ୍ରମିଳା ବହିଦାରଙ୍କ ଜନ୍ମ । ତାଙ୍କ ପିତାଙ୍କ ନାମ ଦୟାସାଗର ବହିଦାର ଓ ମାଆ ପ୍ୟାରୀମଣି ବହିଦାର । ସେ ଇତିହାସରେ ଏମ୍ଏ ଓ ଏଲ୍ଏଲ୍‌ବି ମଧ୍ୟ କରିଛନ୍ତି । ୧୯୮୯-୯୦ରୁ ସମ୍ବଲପୁର ଜିଲ୍ଲାରେ ମୁଖ୍ୟତଃ ମହିଳାମାନଙ୍କର ଅଧିକାର, ବିଧବା ଓ ପରିତ୍ୟକ୍ତାମାନଙ୍କୁ ନ୍ୟାୟପ୍ରଦାନ ପାଇଁ ସେ ଲଢ଼ିଥିଲେ । ଛାତ୍ର ଜୀବନରୁ ସେ ରାଜନୀତି ସହ ସମ୍ପୃକ୍ତ । ୧୯୭୨ରେ ସମ୍ବଲପୁରର ମହିଳା କଲେଜର ଅଧକ୍ଷା ହେବା ପରେ ୧୯୭୩-୭୫ରେ ଜୟ ପ୍ରକାଶ ନାରାୟଣଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସମ୍ପୂର୍ଣ୍ଣ କ୍ରାନ୍ତି ଆନ୍ଦୋଳନରେ ସକ୍ରିୟ ଭାବରେ ସାମିଲ ହୋଇଥିଲେ । ୧୯୭୪ରେ ଯୁବ ଜନତା ଦଳର ସଭାପତି ହୋଇଥିଲେ । ପଶ୍ଚିମ ଓଡ଼ିଶାରେ ବିଜୁ ଜନତା ଦଳର ନେତୃତ୍ୱ ମଧ୍ୟ ନେଉଥିଲେ ।

## ସୁଶୀଳା ତିରିଆ (କଂଗ୍ରେସ)



୨୦୦୬-୨୦୧୨

ମୟୂରଭଞ୍ଜ ଜିଲ୍ଲା କାଲୁଅଖମନ ଗାଁର ରୂପା ନାରାୟଣ ତିରିଆ ଓ ମାମାରୀ ତିରିଆଙ୍କ ଝିଅ ସୁଶୀଳାଙ୍କର ଜନ୍ମ ୬ ଫେବୃଆରୀ ୧୯୫୬ ମସିହାରେ। ସେ କଳାରେ ସ୍ନାତକ ପାସ କରିଛନ୍ତି। ୧୯୮୭ରୁ ୧୯୯୩ ପର୍ଯ୍ୟନ୍ତ ଏଆଇସିସିର ସାଧାରଣ ସମ୍ପାଦକ, ୧୯୯୪-୯୮ ଯାଏଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଯୁଗ୍ମ ସମ୍ପାଦକ, ୧୯୯୮-୨୦୦୪ ଯାଏଁ ଓଡ଼ିଶା ପ୍ରଦେଶ କଂଗ୍ରେସ ୱାର୍କିଂ କମିଟି ସଦସ୍ୟ ଭାବେ କାମ କରିଛନ୍ତି ଏହା ସହିତ ସୁସାର ନାମକ ଏକ ଆଦିବାସୀ ସଙ୍ଗଠନର ସଭାପତି ଭାବେ କାମ କରିଛନ୍ତି ।

## ରେଣୁବାଳା ପ୍ରଧାନ (ବିଜେଡି)



୨୦୦୮-୨୦୧୪

୧୯୬୪ ମେ ୧୦ରେ ଗଞ୍ଜାମ ଜିଲ୍ଲା ଟକରଡ ଠାରେ ରେଣୁବାଳା ପ୍ରଧାନ ଜନ୍ମ ହୋଇଥିଲେ । ତାଙ୍କ ବାପାଙ୍କ ନାମ ଗୌରଚନ୍ଦ୍ର ପ୍ରଧାନ ଓ ମାଆ ନିରୂପମା ପ୍ରଧାନ। ୧୯୮୩ରେ ରାଜେନ୍ଦ୍ର ନାରାୟଣ ପ୍ରଧାନଙ୍କ ସହ ତାଙ୍କର ବାହାଘର ହୋଇଥିଲା। ସେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି। ୧୯୯୯-୨୦୦୨ରେ ବିଜେଡ଼ିର ରାଜ୍ୟ ସମ୍ପାଦକ, ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ସମନ୍ୱିତ ଶିଶୁ ବିକାଶ ଯୋଜନା, ଜିଲ୍ଲା ସ୍ତରୀୟ କମିଟି ଗଞ୍ଜାମର ଅଧ୍ୟକ୍ଷ, ୨୦୦୩ରୁ ୨୦୦୮ ଗଞ୍ଜମ ଜିଲ୍ଲା ସୌର ପରାମର୍ଶଦାତା କମିଟି ଏବଂ ୨୦୦୪ରୁ ୦୬ ପର୍ଯ୍ୟନ୍ତ ରାଜ୍ୟ ସମାଜ କଲ୍ୟାଣ ବୋର୍ଡ଼,ସଦସ୍ୟା ଏବଂ ୨୦୦୬-୦୮ ରେ ଭାରତ-ଶ୍ରୀଲଙ୍କା ସଂସଦୀୟ ବନ୍ଧୁତା ଗୋଷ୍ଠୀର ଉପାଧକ୍ଷ ଭାବେ କାମ କରିଛନ୍ତି ।

## ସରୋଜିନୀ ହେମ୍ବ୍ରମ (ବିଜେଡି)



୨୦୧୪-୨୦୨୦

ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଠାରେ୧ଅକ୍ଟୋବର ୧୯୫୯ରେ ସରୋଜିନୀ ହେମ୍ବ୍ରମଙ୍କର ଜନ୍ମ । ସରୋଜିନୀ ହେମ୍ବ୍ରମ ଓଡ଼ିଶାର ମୟୂରଭଞ୍ଜର ରାଇରଙ୍ଗପୁର ସହରରେ ଜନ୍ମଗ୍ରହଣ କରିଥିଲେ। ସେ ଚୈତନ୍ୟ ପ୍ରସାଦ ମାଝୀ ଏବଂ ଦମୟନ୍ତୀ ମାଝୀଙ୍କ ଝିଅ। ସେ ଭୁବନେଶ୍ୱରର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରୁ ସଂଗୀତରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ । ରାଜନୀତିରେ ଯୋଗଦେବା ପୂର୍ବରୁ ଜଣେ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଓ ସାନ୍ତାଳୀ ଭାଷାର ଜଣେ ବରିଷ୍ଠ କଳାକାର ଭାବେ ସେ ସୁନାମ ଅର୍ଜିଥିଲେ। ସାନ୍ତାଳୀ, ହିନ୍ଦୀ, ଇଂରାଜୀ, ଓଡ଼ିଆ ଏବଂ ବଙ୍ଗଳା ଭାଷାରେ ତାଙ୍କର ଦକ୍ଷତା ରହିଥିଲା । ୨୦୦୯ରେ ସେ ଚାକିରୀ ଛାଡ଼ି ବାଙ୍ଗିରିପୋଷୀ ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଧାୟିକା ହୋଇଥିଲେ । ୨୦୧୨ରୁ ୨୦୧୪ ପର୍ଯ୍ୟନ୍ତ ସେ ବୟନଶିଳ୍ପ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ୨୦୧୪ରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ୨୦୧୯ ଶୀତକାଳୀନ ଅଧିବେଶନରେ, ସେ ପ୍ରଥମ ଥର ପାଇଁ ରାଜ୍ୟସଭାରେ ମାତୃଭାଷା ସାନ୍ତାଳୀ ଭାଷାରେ ସ୍ଥାନୀୟ ସମସ୍ୟା ଉଠାଇଥିଲେ ।

# ପଞ୍ଚାୟତରୁ ପାର୍ଲାମେଣ୍ଟ

## ସୁଲତା ଦେଓ (ବିଜେଡି)



୨୦୨୨-୨୦୨୮

ଯାଜପୁର ଜିଲ୍ଲା ବ୍ରହ୍ମବରଦା ଗାଁ ସରପଞ୍ଚ ଭାବରେ ରାଜନୈତିକ କ୍ୟାରିଅର ଆରମ୍ଭ କରିଥିଲେ ସୁଲତା ଦେଓ। ୧୩ ଜୁନ୍ ୧୯୭୨ରେ କଟକ ଜିଲ୍ଲା କୁସୁପୁର ଗାଁରେ ସୁମନ୍ତ କୁମାର ଜେନା ଓ ସଂଘମିତ୍ର ଜେନାଙ୍କ ଘରେ ତାଙ୍କର ଜନ୍ମ । ୨୧ ଏପ୍ରିଲ ୧୯୯୬ରେ ସେ ବିକ୍ରମ କେଶରୀ ଦେଓଙ୍କୁ ବିବାହ କରିଛନ୍ତି। ଜୁଲାଇ ୨୦୨୨ରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି । ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ଯାଜପୁର ଜିଲ୍ଲା ବ୍ରହ୍ମବରଦା ପଞ୍ଚାୟତରେ ସେ ସରପଞ୍ଚ ଭାବେ କାମ କରିଥିଲେ। ଏହାପରେ ସେ ୨୦୦୭ରୁ ୨୦୦୯ ଯାଏଁ ଯାଜପୁର ଜିଲ୍ଲା ପରିଷଦ ସଦସ୍ୟ, ୨୦୦୯ରୁ ୨୦୧୩ ପର୍ଯ୍ୟନ୍ତ ରାଜ୍ୟ ସମାଜ କଲ୍ୟାଣ ବୋର୍ଡର ଅଧକ୍ଷ ମଧ ଥିଲେ । ୨୦୨୩ରେ ରାଜ୍ୟସଭାର ଉପାଧକ୍ଷଙ୍କ ପ୍ୟାନେଲକୁ ମନୋନୀତ ହୋଇଥିଲେ।

## ମମତା ମହନ୍ତ (ବିଜେପି)



୨୦୨୦-୨୦୨୬

୨୦ ଫେବୃଆରୀ ୧୯୭୬ରେ ମୟୂରଭଞ୍ଜ ଜିଲ୍ଲା କାଣିମହୁଲି ଅଞ୍ଚଳରେ ବାବୁରାମ ମହନ୍ତ ଓ ଗୋଲାପ ମଞ୍ଜରୀ ମହନ୍ତଙ୍କ ଘରେ ମମତାଙ୍କର ଜନ୍ମ । ବିଏ ଯାଏଁ ପାଠ ପଢ଼ିଥିଲେ ବି ପେଷାରେ ମମତା ଜଣେ ଚାଷୀ । ୨୦୧୨ରୁ୨୦୧୭ ପର୍ଯ୍ୟନ୍ତ ସେ ମୟୂରଭଞ୍ଜରେ ଜିଲ୍ଲା ପରିଷଦ ସଦସ୍ୟ ଭାବରେ କାମ କରିଛନ୍ତି । ଏପ୍ରିଲ ୨୦୨୦ରୁ ବିଜେଡିରୁ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ୩୧ ଜୁଲାଇ ୨୦୨୪ରେ ବିଜେଡିରୁ ଇସ୍ତଫା ଦେଇ ଅଗଷ୍ଟ ୨୦୨୪ରୁ ବିଜେପିରୁ ରାଜ୍ୟସଭାକୁ ନର୍ବାଚିତ ହୋଇଛନ୍ତି ।

ଗର୍ବିତ ଓଡ଼ିଆ ODIA WEEKLY GARBIT ODIA

ଗର୍ବିତ ଓଡ଼ିଆ

# ବିଜେପିକୁ 'ପଞ୍ଚାୟତ' ଝଟକା ଦେବ ବିଜେଡି




**ବଲାଙ୍ଗୀରରୁ ଜ୍ୟୋସ୍ନା**

ଏକଦା ବଲାଙ୍ଗୀରରେ ବିଜୁ ଜନତା ଦଳ ଦବଦବା ଜାହିର କରୁଥିଲା । ହେଲେ ନେତାଙ୍କ ଭିତରେ କଳି ଯୋଗୁଁ ଶଙ୍ଖ ଫାଟି ଯାଇଥିଲା । କ୍ଷମତା ନିଶାରେ ମସଗୁଲ ନେତାମାନେ ସଂଗଠନକୁ ମଜବୁତ କରିବା ବଦଳରେ ନିଜ ନିଜ ଭିତରେ ଶୀତଳଯୁଦ୍ଧ କରୁଥିଲେ । ଫଟା ଶଙ୍ଖକୁ ଯୋଡ଼ି ଡବଲ ଶଙ୍ଖ ଫୁଙ୍କିବା ପାଇଁ ଖୋଦ୍ ସୁପ୍ରିମୋ ନବୀନ ପଟ୍ଟନାୟକ ବି ବଲାଙ୍ଗୀର ଯାଇଥିଲେ । କିନ୍ତୁ ଶଙ୍ଖ ସ୍ଥିତି ଏତେ ଗଡ଼ବଡ଼ ଥିଲାଯେ, ନବୀନ ବି ଗଡ଼ିପଡ଼ିଲେ । ବିଜେଡ଼ି ନେତାଙ୍କ ଭିତରେ ଚାଲିଥିବା ଗୋଛିକଟା ପ୍ରତିଯୋଗିତା ପାଇଁ ସ୍ଥାନୀୟ ନେତାଙ୍କ ପାୱାର ସହ ଦଳର ପାୱାର ବି ପଳାଇଲା । ଏବେ କିନ୍ତୁ ହାରିବା ପରେ ବଲାଙ୍ଗୀର ଜିଲ୍ଲାର ବିଜେଡ଼ି ନେତାମାନେ ଚେତି ଯାଇଛନ୍ତି । ପୁଣିଥରେ ଦଳକୁ ମଜବୁତ୍ କରିବା ପାଇଁ ମନାନ୍ତର, ମତାନ୍ତରକୁ ପଛରେ ପକାଇ ହାତରେ ହାତ ମିଶାଇଛନ୍ତି । ଯାହାକି ବିଜେଡ଼ି ପାଇଁ ଭଲ ଖବର । ଅପରପକ୍ଷରେ ଶାସନ କ୍ଷମତାକୁ ଆସିବା ପରେ ବଲାଙ୍ଗୀର ବିଜେପି ନେତାଙ୍କ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଯାଇଛି । ଏହାର ଫାଇଦା ନେବା ପାଇଁ ବି ବିଜେଡ଼ି ପାଖରେ ସୁଯୋଗ ରହିଛି ।

ଆସନ୍ତା ପଞ୍ଚାୟତ ନିର୍ବାଚନକୁ ନଜରରେ ରଖି ବଲାଙ୍ଗୀର ଜିଲ୍ଲାର ରାଜନୀତିକ ପରିସ୍ଥିତି ଦିନକୁ ଦିନ ଗରମ ହେଉଛି । ଏହି ପରିପ୍ରେକ୍ଷୀରେ ବିଜେଡି ନେତା ଓ କର୍ମୀ ଜିଲ୍ଲାରେ ନିଜ ସଂଗଠନକୁ ମଜବୁତ କରିବାରେ ଲାଗିପଡ଼ିଛନ୍ତି । ବିଜେପିକୁ କଡ଼ା ଚ୍ୟାଲେଞ୍ଜ ଦେବାକୁ ଯୋଜନା ବି ହୋଇଛି । ଯାହାର ଏକ ଝଲକ ଗତ କିଛି ଦିନ ତଳେ ଚାଷୀ ଓ ମହିଳାମାନଙ୍କୁ ନେଇ ହୋଇଥିବା ସମାବେଶକୁ ଦେଖିଲେ ଜଣା ପଡିଯାଉଛି । ଦଳ ଭିତରେ କଳିକେଶ-ଟୁକୁନି, ସରୋଜ ମେହେର-କଳିକେଶ ମଧ୍ୟରେ ତିକ୍ତତା ଥିବା କଥା ଚର୍ଚ୍ଚାରେ ଥିଲେ ମଧ୍ୟ, ଏବେ ନେତାମାନେ ଦଳୀୟ ସ୍ୱାର୍ଥକୁ ଆଗକୁ ଆଣି ଏକତାର ମନୋଭାବ ପ୍ରଦର୍ଶନ କରୁଛନ୍ତି । ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ମଧ୍ୟ ଏହି ମର୍ମରେ କଳିକେଶ, ଟୁକୁନିଙ୍କୁ ବୁଝାଇ ଦେଇଥିବା ଜାଣିବାକୁ ମିଳିଛି ।

ଗତ କିଛି ବର୍ଷରେ ବଲାଙ୍ଗୀରରେ ବିଜେପି ନିଜ ପ୍ରଭାବ ବଢାଇବାକୁ ଚେଷ୍ଟା କରିଥିବା ବେଳେ, କଂଗ୍ରେସ ମଧ୍ୟ କିଛି ପଞ୍ଚାୟତରେ ନିଜ ସ୍ଥିତି ମଜବୁତ ରଖିଛି । ଏବେ କିନ୍ତୁ ବିଜେଡି ୱାର୍ଡ଼ସ୍ତରରୁ ସଂଗଠନକୁ ମଜବୁତ୍ ପାଇଁ ରଣନୀତି କରିଛି । ଦଳୀୟ କର୍ମୀମାନଙ୍କୁ ସକ୍ରିୟ କରାଯିବା ସହ ପୁରୁଣା କାର୍ଯ୍ୟକର୍ତ୍ତା ଓ ନୂଆ ମୁହଁମାନଙ୍କୁ ମଧ୍ୟ ଆଗକୁ ଅଣାଯାଉଛି । ଏହା ସହ ଗ୍ରାମୀଣ ସମସ୍ୟା, ଉନ୍ନୟନ ଓ ବିଜେଡି ସରକାରର ଯୋଜନାର ପହଞ୍ଚ ଉପରେ ଫୋକସ ଦେଇ ଦଳ ମଜବୁତ ହେଉଛି । ଦଳ ଭିତରେ ଥିବା ଅସନ୍ତୋଷ ଓ ମତଭେଦକୁ ମଧ୍ୟ ଏବେ ଦୂର କରିବାର ଚେଷ୍ଟା ଚାଲିଛି । ବିଭିନ୍ନ ଗୋଷ୍ଠୀର ନେତାମାନେ ଏକ ସଂଯୁକ୍ତ ମଞ୍ଚରେ ଆସି ଦଳର ସଂଗଠନକୁ ସଜାଡ଼ିବାରେ ଲାଗିଛନ୍ତି । "ଦଳ ପ୍ରଥମ, ବ୍ୟକ୍ତି ପରେ" - ଏହି ମନ୍ତ୍ରକୁ ଆଗରେ ରଖି କର୍ମୀମାନଙ୍କୁ ଏକତାର ସନ୍ଦେଶ ଦିଆଯାଉଛି ।

ODIA WEEKLY ● GARVIT ODIA

ରାଜନୀତିକ ପର୍ଯ୍ୟବେକ୍ଷକମାନଙ୍କ ମତରେ, ପଞ୍ଚାୟତ ନିର୍ବାଚନରେ ସଂଗଠନର ଶକ୍ତି ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । କାହିଁକିନା ଦଳୀୟ ହାୱା କାମ କରିନଥାଏ । ଏଦିଗରେ ବିଜେପି ଜିଲ୍ଲାରେ ଢେର ପଛରେ ପଡ଼ିଛି କହିଲେ ଭୁଲ୍ ହେବନାହିଁ । କାରଣ ଏପର୍ଯ୍ୟନ୍ତ ଜିଲ୍ଲାର ସବୁ ନେତା ଓ କର୍ମୀ ବିଜୟର ଉତ୍ସବର ନିଶାରୁ ବାହାରି ପାରିନାହାନ୍ତି । ଅଧିକାଂଶ ସ୍ଥାନରେ ବିଜୟୀ ନେତା ନିର୍ବାଚନରେ କାମ କରିଥିବା କର୍ମୀମାନଙ୍କୁ ଅଣଦେଖା କରି ନିଜଠୁ ଓ ଦଳରୁ ଦୂର କରୁଛନ୍ତି । ଯାହାକୁ ନେଇ କାର୍ଯ୍ୟକର୍ତ୍ତାଙ୍କ ମହଲରେ ତୀବ୍ର ଅସନ୍ତୋଷ ପରିଲକ୍ଷିତ ହୋଇଛି । ଏମିତିକି ପିସି ପାଇଁ ହାଇଁପାଇଁ ହେବାର ସଂଗୀନ ଅଭିଯୋଗମାନ ବି ଆସୁଛି । ମଣ୍ଡି ଓ ଚାଷୀ ସମସ୍ୟା ମଧ୍ୟ ଆଗାମୀ ନିର୍ବାଚନରେ ବଡ଼ ପ୍ରସଙ୍ଗ ହେବ । ଯଦି ବିଜେପି ନିଜକୁ ଶାସନ ଓ କ୍ଷମତାରେ ରଖିବାକୁ ଚାହେଁ ତା ହେଲେ ନିଜ କାର୍ଯ୍ୟକର୍ତ୍ତାମାନଙ୍କୁ ଏକଜୁଟ କରିବା ସହ ନେତାମାନଙ୍କୁ ମଧ୍ୟ ଜିଲ୍ଲାରେ ଏକଜୁଟ ହୋଇ କାମ କରିବାକୁ ପଡ଼ିବ । ଅନ୍ୟ ପଟେ ଜିଲ୍ଲାରେ ଦୁଇ ଦୁଇଟି ମନ୍ତ୍ରୀ ଥାଇ ସୁଦ୍ଧା ପାଣି ସମସ୍ୟା, ଲୋୟର ସୁକତେଲ ବିସ୍ଥାପିତ, ଚାଷୀ ଓ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଲୋକଙ୍କୁ ପ୍ରଭାବିତ କରିବାରେ ଲାଗିଛି । ଅବଶ୍ୟ ଏଥିପାଇଁ ଏବେବି ସମୟ ରହିଛି । ଦେଖାଯାଉ, ବିଜେଡ଼ି ଭଳି ବିଜେପି ଏକାଠି ହୋଇ କାମକରୁଛି ନା ଭିନ୍ନଭିନ୍ନ ଗୋଠ ହୋଇ ପୂର୍ବରୁ ବିଜେଡି ଭଳି ଭୁଲ୍ ଦୋହରାଉଛି?

**ବଲାଙ୍ଗୀର ରାଜନୀତି**

## ରାଉରକେଲାରେ ତେଜୁଛି ବିଜେପି କଳି

# ଅକଳରେ ପୂର୍ଣ୍ଣିମା କେରକେଟା

ରାଉରକେଲା ବିଜେପିରେ ଏବେ ସବୁ କିଛି ଠିକ୍ ଚାଲୁନାହିଁ । ଜିଲ୍ଲା ସଭାପତି (ପାନପୋଷ) ପୂର୍ଣ୍ଣିମା କେରକେଟାଙ୍କୁ ନେଇ ଅସନ୍ତୋଷ ତେଜିବାରେ ଲାଗିଛି । ଏକଦା ଜୁଏଲ ଓରାମଙ୍କ ଖାସ୍ ଅନୁଗତ ଥିବା ପୂର୍ଣ୍ଣିମା ତାଙ୍କୁ ବି ଖାତିର କରୁନାହାନ୍ତି । କାର୍ଯ୍ୟକର୍ତ୍ତା ଓ ନେତାଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଥିବାରୁ ପାଞ୍ଚ ମାସ ତଳେ ଜୁଏଲ ବି ଦଳ ନିକଟରେ ଫେରାଦ ହୋଇଥିଲେ । ଏମିତିକି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ପତ୍ର ଲେଖିଥିଲେ । ତେବେ ଆଶ୍ଚର୍ଯ୍ୟର କଥା ହେଉଛି, ଜୁଏଲ ଏବେ କେନ୍ଦ୍ରମନ୍ତ୍ରୀ ଥିବାବେଳେ ବହୁବାର ରାଜ୍ୟ ସଭାପତି ହୋଇଛନ୍ତି । ଦଳର ହେଭିୱେଟ୍ ନେତା ଭାବେ ପରିଗଣିତ ଜୁଏଲ ପତ୍ର ଲେଖିଥିଲେବି ପୂର୍ଣ୍ଣିମାଙ୍କୁ ଦଳ ପକ୍ଷରୁ ତାଗିଦ୍ କରାଯାଇନାହିଁ । ଯେଉଁଥିପାଇଁ ସେ ମନମାନି ଜାରି ରଖିଛନ୍ତି ବୋଲି ବିଜେପି କାର୍ଯ୍ୟକର୍ତ୍ତାମାନେ କ୍ଷୋଭ ପ୍ରକାଶ କରିଛନ୍ତି ।



ଏସବୁ ଚର୍ଚ୍ଚା ଭିତରେ ପୂର୍ଣ୍ଣିମା ଗତ ଫେବୃଆରୀ ୨୪ରେ ଆରଆଇଟିଇଏସର ସ୍ୱାଧୀନ ନିର୍ଦ୍ଦେଶକ ପଦରୁ ଇସ୍ତଫା ଦେଇଛନ୍ତି । ତେବେ ତାଙ୍କ ଇସ୍ତଫା ଦେବାର କାରଣ ବ୍ୟକ୍ତିଗତ ବୋଲି ସେ ଦର୍ଶାଇଛନ୍ତି । କିନ୍ତୁ ବାସ୍ତବ କାରଣଟି ହେଉଛି, ପୂର୍ଣ୍ଣିମା ଗ୍ରାଜୁଏଟ୍ ହୋଇନଥିଲେବି ଆରଆଇଟିଇଏସର ନିର୍ଦ୍ଦେଶକ ହୋଇଥିଲେ । ଏନେଇ ସେଣ୍ଟ୍ରାଲ ଭିଜିଲାନ୍ସ କମିଶନଙ୍କ ନିକଟରେ ଅଭିଯୋଗ କରାଯାଇଥିଲା । ଗତବର୍ଷ ସେପ୍ଟେମ୍ବରରେ ଏହି ଅଭିଯୋଗ ହୋଇଥିବାବେଳେ ଏହାର ତଦନ୍ତ ବି ଆରମ୍ଭ ହୋଇଥିଲା । ଯେଉଁଥିପାଇଁ ସେ ନିଜ ଆଡୁ ଇସ୍ତଫା ଦେଇ ତଦନ୍ତରୁ ବର୍ତ୍ତିବାକୁ ଚାହିଁଛନ୍ତି । ସବୁଠାରୁ ବଡ଼କଥାଟି ହେଉଛି, ତାଙ୍କ ବିରୋଧରେ ଅଭିଯୋଗ ଆଣିଥିବା ମନୋଜ ଶତପଥି ମଧ୍ୟ ବିଜେପି ନେତା । ସେ ପାନପୋଷ ସାଂଗଠନିକ ଜିଲ୍ଲାର ସମ୍ପାଦକ ଥିଲେ ।

୨୦୦୪ରେ ରଘୁନାଥପଲ୍ଲୀରୁ ସେ ବିଜେପି ଟିକେଟରେ ନିର୍ବାଚନ ଲଢ଼ିଥିଲେ ବି ଜେଏମଏମ ନେତା ହଲୁ ମୁଣ୍ଡାରୀଙ୍କ ଠାରୁ ହାରିଯାଇଥିଲେ । ୨୦୨୦ରୁ ୨୦୨୩ ପର୍ଯ୍ୟନ୍ତ ସେ ବିଜେପି ରାଷ୍ଟ୍ରୀୟ ଆଦିବାସୀ ମୋର୍ଚ୍ଚାର କାର୍ଯ୍ୟକାରିଣୀ ସଦସ୍ୟ ବି ରହିଥିଲେ ।

# ପ୍ରଭାତ-ଦେବାଶିଷ କଳି

## ଖୁସିରେ କୁରୁଳୁଛନ୍ତି ସୁବାସ

କଟକ ବିଜେଡ଼ିରେ ଫାଟ ଜଳଜଳ କରି ଦୃଶ୍ୟମାନ ହେଉଛି। ପୂର୍ବରୁ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ଓ ମେୟର ସୁବାସ ସିଂଙ୍କ ମଧ୍ୟରେ ତୁତୁ-ମେଁମେଁ ଦେଖିବାକୁ ମିଳିଥିଲା। ଏମିତିକି ଦେବାଶିଷ ସାମନ୍ତରାୟ ବି ପାଣ୍ଡିଆନଙ୍କୁ ଟାର୍ଗେଟ୍ କରିବା ଆଳରେ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆଡ଼କୁ ଅଙ୍ଗୁଳି ଦେଖାଉଥିଲେ। କିନ୍ତୁ ପ୍ରଭାତ ବିଶ୍ୱାଳଙ୍କ ପ୍ରକରଣରେ ଦେବାଶିଷ ଏବେ ନବୀନଙ୍କ ନିକଟତର ହେବାକୁ ପ୍ରୟାସ ଆରମ୍ଭ କରିଦେଇଛନ୍ତି। ମଉକା ଦେଖି ସେ ପ୍ରଭାତଙ୍କୁ ଧୋଇଛନ୍ତି। ସେପଟେ ପ୍ରଭାତ ବିଜେଡ଼ିରୁ ବିଦା ହୋଇସାରିଲେଣି। ପ୍ରଭାତ-ଦେବାଶିଷଙ୍କ ମଧ୍ୟରେ ବାକ୍ୟଯୁଦ୍ଧ ଚାଲିଥିବାବେଳେ ମେୟର ସୁବାସ ସିଂ କିନ୍ତୁ ଖୁସିରେ କୁରୁଳି ଉଠୁଛନ୍ତି ।

ସୁବାସ ସିଂ ଖୁସି ହେବା ସ୍ୱାଭାବିକ । ପୂର୍ବରୁ କଟକ ସହର ରାଜନୀତିରେ ସୁବାସ ସିଂ ୩ ନମ୍ବରରେ ଥିଲେ। ଗୋଟିଏ ପଟେ ଦେବାଶିଷ ବହୁବାର ବିଧାୟକ ଓ ସାଂସଦ ହୋଇଥିବାବେଳେ ପ୍ରଭାତ ବିଶ୍ୱାଳ ବି ୩ ଥର ଓ ପୁଅ ୨ ଥର ବିଧାୟକ ହୋଇଛନ୍ତି। ଏମାନଙ୍କ ପ୍ରଭାବରେ ସୁବାସଙ୍କ ପତିଆରା ଟିକେ କମିଯାଇଥିଲା। କାରଣ ବିଜେଡ଼ି ସଂଗଠନ ଏହି ଦୁଇ ନେତାଙ୍କ ଦ୍ୱାରା ହିଁ ପରିଚାଳିତ ହେଉଥିଲା। ଅବଶ୍ୟ ନବୀନ-ପାଣ୍ଡିଆନଙ୍କ ଗୁଡ଼ବୁକରେ ଥିବାରୁ ସେ ପ୍ରଭାବ ବିସ୍ତାର କରିବାରେ ସକ୍ଷମ ହୋଇଥିଲେ। ଏବେ ତାଙ୍କର ଦୁଇ ମୁଖ୍ୟ ପ୍ରତିଦ୍ୱନ୍ଦୀ ପ୍ରଭାତ ବିଶ୍ୱାଳ ଓ ଦେବାଶିଷ ସାମନ୍ତରାୟଙ୍କର ଆଉ ପୂର୍ବ କାଟତି ନାହିଁ। ପ୍ରଭାତ ବିଜେଡ଼ିରୁ ଆଉଟ୍



ହୋଇସାରିଥିବାବେଳେ ଦେବାଶିଷ ବି ବିଜେପି ମୁହାଁ ହେଉଥିବା ଚର୍ଚ୍ଚା ହେଉଛି। ବାରବାର ଦଳୀୟ ନିଷ୍ପତ୍ତି ବିରୋଧରେ ସେ କଟୁ ଟିପ୍ପଣୀ ଦେବାକୁ ବି ପଛାଉନାହାନ୍ତି । ଏବେ ସେ ପ୍ରଭାତଙ୍କ ଉପରେ ବର୍ଷୁଥିଲେବି ଦେବାଶିଷ ଆଉ ନବୀନଙ୍କ ନିକଟତର ହୋଇପାରିବେନି। ଯାହାକି ସୁବାସ ସିଂଙ୍କୁ ଫାଇଦା ଦେବ । କଟକରେ ବିଜେଡ଼ି ଦୁର୍ବଳ ହେବକି ସବଳ, ତାହା ତ ସମୟ କହିବ, ହେଲେ କଟକ ସହରରେ ସୁବାସ ହିଁ ବିଜେଡ଼ିର ମୁଖ୍ୟ କାଣ୍ଡାରୀ ହେବେ ।

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

# ପ୍ରଭାତଙ୍କ ପଛରେ କିଏ ?

## ବହିଷ୍କାର କିଳାକୁ ହୁଇସିଲ୍ ମାରି ଡାକିଲେ...

ପ୍ରଭାତ ବିଶ୍ୱାଳ। ଦିନ ରାତି ମେହନତ କରି ସେ ଯେମିତି ସଂଗଠନକୁ ମଜବୁତ୍ କରନ୍ତି, ଦଳ ପାଇଁବି ଜୀ ଜାନ୍ ଲଗାଇ କାମ କରନ୍ତି। ଏକଥା ସମସ୍ତେ ଜାଣନ୍ତି । ଦିନ ଥିଲା ନବୀନ କିମ୍ବା ଦଳ ବିରୋଧରେ ଯିଏ କହିଲେ ପ୍ରଭାତ ସେମାନଙ୍କ ଉପରକୁ ଝାମ୍ପି ପଡୁଥିଲେ। ଅବଶ୍ୟ ଏତେ କରିବା ପରେ ବି ମନ୍ତ୍ରୀ ହୋଇପାରିନଥିବାରୁ ତାଙ୍କ ମନରେ ପ୍ରବଳ କ୍ଷୋଭ ଓ ଅବଶୋଷ ରହିଥିଲା । ଚିଟଫଣ୍ଡ ଠକେଇରେ ଫସିଯିବା ପରେ ପ୍ରଭାତ ତ୍ରିପାଠୀଙ୍କ ଭଳି ପ୍ରଭାତ ବିଶ୍ୱାଳ ବି ବିଜେଡ଼ି ରାଜନୀତିରୁ ହଜିଗଲେ। ଅବଶ୍ୟ ଉଭୟଙ୍କର ନିଜ ନିଜ ନିର୍ବାଚନମଣ୍ଡଳୀରେ ମଜବୁତ୍ ସଂଗଠନ ଥିବାରୁ ସେମାନଙ୍କ ପୁଅଙ୍କୁ ଟିକେଟ ଦେବାକୁ ବିଜେଡ଼ି ବାଧ ହୋଇଥିଲା । ପୁଅ ବିଧାୟକ ହେଲେ ବାପା ଖୁସି ହେବା ସ୍ୱାଭାବିକ । ହେଲେ, ପୁଅକୁ ଟିକେଟ୍ ଦେଇ ବାପାଙ୍କୁ ସମ୍ପୂର୍ଣ୍ଣ ଭାବେ ଅଲୋଡ଼ା କରିଦେବା ସ୍ୱାଭିମାନୀ ନେତାଙ୍କ ପାଇଁ ଗ୍ରହଣୀୟ ନୁହେଁ । ଯେଉଁଥିପାଇଁ ପ୍ରଭାତ ତ୍ରିପାଠୀ ପ୍ରଥମେ ବିଦ୍ରୋହ ଆରମ୍ଭ କରିଥିଲେ । ପରେ ଅବଶ୍ୟ ପୁଅ ଦେବୀଙ୍କ ଭବିଷ୍ୟତ ପାଇଁ ପ୍ରଭାତ ନୀରବ ରହିବାକୁ ବାଧ ହୋଇଛନ୍ତି । ଅନୁରୂପ ଭାବେ ପ୍ରଭାତ ବିଶ୍ୱାଳ ବି ସମାନ କାରଣରୁ ରୋଷ ଝାଡ଼ି ଆସୁଥିଲେ। କଟକ ଜିଲ୍ଲାର ଏହି ଦୁଇ ଟାଣୁଆ ନେତା ଦଳ ପାଇଁ ଏତେ କରିଥିଲେବି ସବୁବେଳେ ନବୀନ ସେମାନଙ୍କୁ ନଜର ଅନ୍ଦାଜ କରି ଆସୁଥିଲେ । ଯେଉଁଥିପାଇଁ ଉଭୟ ପ୍ରଭାତ କେବେ ମନ୍ତ୍ରୀ ବି ହୋଇପାରିନାହାନ୍ତି ।

ଏଠି ସୂଚାଇ ଦିଆଯାଇପାରେ, ପ୍ରଭାତ ତ୍ରିପାଠୀ ପାଣ୍ଡିଆନଙ୍କର କଟ୍ଟର ବିରୋଧୀ ହୋଇଥିବାବେଳେ ପ୍ରଭାତ ବିଶ୍ୱାଳ କିନ୍ତୁ ପାଣ୍ଡିଆନଙ୍କର କଟ୍ଟର ସମର୍ଥକ ବୋଲି ନିଜକୁ ଦର୍ଶାଇ ଆସୁଛନ୍ତି। ଦେବାଶିଷ ସାମନ୍ତରାୟ, ଅତନୁ ସବ୍ୟସାଚୀ ନାୟକ ଓ ପ୍ରଣବ ପ୍ରକାଶ ଦାସଙ୍କ ଭଳି ନେତାଙ୍କ ଉପରେ ପ୍ରଭାତ ବେଶ୍ କ୍ଷୁବ୍ଧ । ସେମାନଙ୍କ ପାଇଁ ହିଁ ତାଙ୍କ ରାଜନୀତିକ ଭବିଷ୍ୟତ ତଳିତଳାନ୍ତ ହୋଇଯାଇଛି । ନାଲି ସାର୍ଟ ପିନ୍ଧିବାକୁ ବାଧ ହୋଇଛନ୍ତି ବୋଲି ପ୍ରଭାତ ନିଜେ କହିଛନ୍ତି। ପ୍ରଭାତ ଜାଣିଥିଲେ, ପାଣ୍ଡିଆନ୍ ହିଁ ବିଜେଡ଼ିକୁ ଚଳାଉଛନ୍ତି। ପାଣ୍ଡିଆନଙ୍କୁ ସମର୍ଥନ କରି ଅନ୍ୟଙ୍କୁ ବିରୋଧ କଲେ ସେ ଫାଇଦା ପାଇବେ ବୋଲି ଅଙ୍କ କଷୁଥିଲେ। ଗୋଟିଏ ପଟେ ବରିଷ୍ଠ ନେତାଙ୍କ ଉପରେ ବର୍ଷି ନିଜ ରାଗ ଶୁଝାଇପାରିବା ସହ ପାଣ୍ଡିଆନଙ୍କ ଗୁଡ଼ବୁକରେ ରହି ରାଜନୀତିକ ଭବିଷ୍ୟତକୁ ଚକମକ କରିବେ ବୋଲି ଯୋଜନା କରିଥିଲେ । ଅବଶ୍ୟ ତାଙ୍କର ଏହି ରଣନୀତି କାମ ଦେଇଥିଲା। ବେଶ୍ କିଛିଦିନ ଧରି ସେ ଏମିତି କରୁଥିଲେ ବି ନବୀନ ନୀରବ ରହୁଥିଲେ। ହେଲେ ଶେଷକୁ ନବୀନଙ୍କୁ ବି ପ୍ରଭାତ ଛାଡ଼ିନଥିଲେ। ବିଧାୟକ ନହୋଇଥିଲେବି ବିଧାୟକ ଦଳ ବୈଠକକୁ ଲୁଚିଛପି ଚାଲି ଯାଇଥିଲେ । ନବୀନଙ୍କ ନିଷ୍ପତ୍ତିକୁ ଖୋଲା ଚ୍ୟାଲେଞ୍ଜ କରିଥିଲେ। ଯେଉଁଥିପାଇଁ ସେ ଏଠିକୁ କେମିତି ଆସିଲେ ବୋଲି ନବୀନ ପଚାରିବାକୁ ବାଧ ହୋଇଥିଲେ। ନବୀନଙ୍କ ନାଲି ଆଖିକୁ ସମସ୍ତଙ୍କ ଡର। ହେଲେ ସେଦିନ କାହିଁକି କେଜାଣି ପ୍ରଭାତ ବାବୁ ଡରିନଥିଲେ। ବରଂ ନବୀନଙ୍କ ସହ ମୁହାଁମୁହିଁ ହୋଇ ଉଚ୍ଚବାଚ୍ଚ କରିଥିଲେ । ବିଜେଡ଼ି ରାଜନୀତିରେ ସେ ନୂଆ ନୁହଁନ୍ତି । ନବୀନଙ୍କ ବିଷୟରେ ସବୁ କିଛି ଭଲଭାବେ ଜାଣିଛନ୍ତି । ଏମିତି କଲେ କ'ଣ ଘଟିବ ତାହାବି ଜାଣନ୍ତି । ଅତଏବ ସେ ବହିଷ୍କାର ହେବାର ଆଶା ନେଇ ନବୀନଙ୍କ ସହ ଯୁକ୍ତିତର୍କ କରିଥିଲେ ବୋଲି କହିଲେ ଭୁଲ୍ ହେବନାହିଁ । ନବୀନ ବି ବେଶୀ ସମୟ ଅପେକ୍ଷା କରିନଥିଲେ। ଗଣମାଧ୍ୟମରେ ଚର୍ଚ୍ଚା ହେବାର କିଛି ସମୟ ପରେ ସେ ଆକ୍ସନ ନେଇଗଲେ। ଅବଶ୍ୟ ବରିଷ୍ଠ ନେତାମାନେ ଏହି ମଉକାକୁ ବି ଅପେକ୍ଷା କରି ନବୀନଙ୍କୁ ଆହୁରି ରଗେଇ ଦେଇଥିଲେ। ଏବେ ପ୍ରଶ୍ନ ଉଠୁଛି, ପ୍ରଭାତ ବିଶ୍ୱାଳଙ୍କ ପଛରେ ରହି କେହିଜଣେ ଖେଳ କରୁଛି। କାହା ସାହାସରେ ପ୍ରଭାତ ଏଭଳି ଏକ ବଡ଼ ପଦକ୍ଷେପ ନେଲେ ତାହାକୁ ନେଇ ବିଜେଡ଼ି ରାଜନୀତିରେ ଚର୍ଚ୍ଚା ଜୋରଧରିଛି। ବିଜେଡ଼ି ତାଙ୍କୁ ବିଦା କରିଦେଲେ, ପ୍ରଭାତଙ୍କର କିଛି ବି କ୍ଷତି ହେବନାହିଁ । କାହିଁକିନା ତାଙ୍କ ପାଖରେ ବିଜେପି ଭଳି ବିକଳ୍ପ ମଧ୍ୟ ରହିଛି। କଟକ-ଚୌଦ୍ୱାରରେ ଟାଣୁଆ ବିଜେପି ନେତା ନଥିବାରୁ କାଲିକି କାଲି ସେ ଆଉ ତାଙ୍କ ପୁଅ ସୌଭିକ ପଦ୍ମପୋଖରୀରେ ସମ୍ପେଇ ମାରିଲେ ଆଶ୍ଚର୍ଯ୍ୟ ହେବାର ନାହିଁ ।

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA



# ମନୀଷ-କେଜ୍ରିୱାଲ୍ ଦମନ



## ଦେଶରେ ପ୍ରଥମ ମୁଖ୍ୟମନ୍ତ୍ରୀ ଥାଇ ଗିରଫ ହୋଇଥିଲେ କେଜ୍ରିୱାଲ

ଦୁର୍ନୀତି ବିରୋଧୀ ଆନ୍ଦୋଳନରୁ ଜନ୍ମିତ 'ଆମ୍ ଆଦମୀ ପାର୍ଟି'ଯେ, ଦୁର୍ନୀତି ଅଭିଯୋଗରେ ଫସିଯିବ ତାହା କେହି କେବେବି କଳ୍ପନା କରିନଥିଲେ। ସବୁଠାରୁ ବଡ଼ କଥା ହେଉଛି ଦଳର ଦୁଇ ବଡ଼ ଚେହେରା ଅରବିନ୍ଦ କେଜ୍ରିୱାଲ୍ ଓ ମନୀଷ ସିସୋଦିଆଙ୍କୁ ଜେଲ୍‌ର ଅନ୍ଧାର କୋଠରୀ ଭିତରେ ରହିବାକୁ ପଡ଼ିଥିଲା। ଭାରତର ରାଜନୀତିକ ଇତିହାସରେ ମୁଖ୍ୟମନ୍ତ୍ରୀ ଥାଇ ଗିରଫ ହେବାରେ କେଜ୍ରିୱାଲ୍ ଥିଲେ ପ୍ରଥମ। ୧୦୦ କୋଟି ଟଙ୍କାର ଲାଞ୍ଚ ମାମଲାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ୧୭୭ ଦିନ, ଉପମୁଖ୍ୟମନ୍ତ୍ରୀ ଥିବା ମନୀଷ ସିସୋଦିଆଙ୍କୁ ୫୧୦ ଦିନ, ଆପର ପୂର୍ବତନ ସଂଚାର ପ୍ରମୁଖ ବିଜୟ ନାୟରଙ୍କୁ ୬୫୮ ଦିନ ଜେଲରେ କାଟିବାକୁ ପଡ଼ିଥିଲା। ଖାଲି ସେତିକିନୁହେଁ, ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ ୧୮୧ ଦିନ, ବିଆରଏସର ପୂର୍ବତନ ସାଂସଦ କେ. କବିତା ୧୮୫ ଦିନ ଜେଲରେ ରହିଥିଲେ।

## 'ଆପ୍'ର ରାଜନୈତିକ କ୍ଷତି

ଦିଲ୍ଲୀ କୋର୍ଟଙ୍କ ରାୟ ପରେ ଅରବିନ୍ଦ କେଜ୍ରିୱାଲ, ମନୀଷ ସିସୋଦିଆ ଓ ସର୍ବୋପରି ଆମ୍ ଆଦମୀ ପାର୍ଟି ଆଶ୍ୱସ୍ତ ହୋଇଛନ୍ତି। କାହିଁକିନା ଏହି ମଦ ଦୁର୍ନୀତି ଅଭିଯୋଗ ପାଇଁ ଆପକୁ ବହୁ ରାଜନୀତିକ ଓ ମାନସିକ କ୍ଷତି ସହିବାକୁ ପଡ଼ିଛି। ଦିଲ୍ଲୀରେ 'ଆପ୍'ର ପରାଜୟ ପାଇଁ ମଦ ଦୁର୍ନୀତି ତଦନ୍ତ ବି ପ୍ରମୁଖ କାରଣ। ଦୁଇ ବଡ଼ ନେତା ଦୀର୍ଘଦିନ ଧରି ଜେଲ୍‌ରେ ରହିବା କାରଣରୁ ନିର୍ବାଚନ ପାଇଁ ଦଳ ସଠିକ୍ ରଣନୀତି କରିପାରିନଥିଲା। ସାଧାରଣରେ ବି ଆପ୍‌କୁ ନିନ୍ଦିତ ହେବାକୁ ପଡ଼ିଥିଲା। ଏବେ 'ଆପ୍' ଓ କେଜ୍ରିୱାଲ କୋର୍ଟରେ ନିର୍ଦ୍ଦୋଷ ହେବାପରେ ଦଳ ଓ ଅରବିନ୍ଦଙ୍କ କ୍ରେଜ ବଢୁଥିବା ଲକ୍ଷ୍ୟ କରାଯାଉଛି। ପରୋକ୍ଷରେ ବିଜେପି ବି ନିନ୍ଦିତ ହୋଇଛି। ଏହାଦ୍ୱାରା ଆପ୍ ରାଜନୀତିକ ଫାଇଦା ପାଇବ ନା ପୁଣି ଇଡ଼ି, ସିବିଆଇ ନୂଆ ଚାଲ୍ ଖେଳି ସେମାନଙ୍କୁ ଅଣନିଃଶ୍ୱାସୀ କରିବେ ତାହାର ଉତ୍ତର ସମୟ ହିଁ ଦେଇପାରିବ।

**ବୈଧାନିକ ସତର୍କତା**

## ଚଉକି ଛଡ଼ାଇନିଏ ମଦ

**ମଦ ନିଏ ଜୀବନ। ମଦ ଉଜାଡ଼େ ଘର। ହେଲେ ମଦ ରାଜନୀତିକ ଦଳକୁ ବି କରିଦିଏ ବରବାଦ। ଛଡ଼ାଇନିଏ ଚଉକି। ଭାରତର ରାଜନୀତିକ ଇତିହାସରେ ଏମିତି ଏକ ଅଲୋଡ଼ା ଅଧ୍ୟାୟ ସବୁଦିନ ପାଇଁ ମନେ ରହିଯିବ। କ୍ଷମତାର ନିଶା ଚଢ଼ିଗଲେ, ମଦ କିଭଳି ଷଡ଼ଯନ୍ତ୍ରର ଅଂଶ ପାଲଟିଯାଏ ତାହା ବି ସାରା ଦେଶ ଦେଖିସାରିଛି। ଦୁର୍ନୀତି ବିରୋଧୀ ଆନ୍ଦୋଳନରୁ ଜନ୍ମିତ ଆମ୍ ଆଦ୍‌ମୀ ପାର୍ଟି 'ମଦ' ବୋତଲରେ ଛଟପଟ ହୋଇଛି। ଦିଲ୍ଲୀରେ ଏବେ 'ଝାଡୁ'କୁ ହଟାଇ 'ଫୁଲ' ରାଜ୍ ଆରମ୍ଭ ହୋଇଯାଇଛି। କିନ୍ତୁ କେଜ୍ରିୱାଲଙ୍କ ଆଖିରୁ ଝରୁଥିବା ଲୁହର ମୂଲ୍ୟ କିଏ ଦେବ?**

ଯଦି ରାଜ୍ୟ ସରକାରଙ୍କର ଦ୍ୱାରା ଧାର୍ଯ୍ୟ କୌଣସି ନିୟମ ବା ନୀତି ଅନୁସାରେ କୌଣସି ବ୍ୟବସାୟିକ କମ୍ପାନୀ ଲାଭ ହାସଲ କରୁଛନ୍ତି ତେବେ ଏହାର ସିଧା ଅର୍ଥ ଦୁର୍ନୀତି ବୋଲି ବିଚାର କରାଯାଇପାରିବ ନାହିଁ କିମ୍ବା ଏହା ଆଧାରରେ ସରକାରର ମୁଖ୍ୟଙ୍କୁ ଅପରାଧି ଭାବରେ ବିଚାର କରାଯିବ ନାହିଁ। ଲାଭ ହାସଲ କରିଥିବା କମ୍ପାନୀ ଠାରୁ ସିଧାସଳଖ ଲାଞ୍ଚର କୌଣସି ତଥ୍ୟ ବା ପ୍ରମାଣ ନଥିବାବେଳେ ରାଜ୍ୟ ଶାସନ ମୁଖ୍ୟଙ୍କୁ ଅପରାଧି ଭାବେ ବିଚାର କରାଯାଇପାରିବନି।

ସ୍ୱତନ୍ତ୍ର ବିଚାରପତି ଜିତେନ୍ଦ୍ର ପ୍ରତାପ ସିଂହ କହିଛନ୍ତି, ରାଜ୍ୟ ସରକାର କୌଣସି ନୀତି ଲାଗୁ କଲାବେଳେ ଏହାକୁ ପରୀକ୍ଷାମୂଳକ ଭାବେ ପ୍ରୟୋଗ କରାଯାଏ। ହୁଏତ ଏହା ରାଜ୍ୟର ରାଜସ୍ୱ ବୃଦ୍ଧି କରିବାରେ ସଫଳ ବା ବିଫଳ ହୋଇପାରେ। ଏହା ଆଧାରରେ ନୀତିଗତ ନିଷ୍ପତ୍ତି ଠିକ୍ ବା ଭୁଲ୍ ବୋଲି ବିଚାର କରାଯାଇପାରିବ। କିନ୍ତୁ କୌଣସି ରାଜ୍ୟ ମୁଖ୍ୟଙ୍କ ବିରୋଧରେ କୌଣସି ଲାଞ୍ଚ କାରବାର, ଦୁର୍ନୀତି କିମ୍ବା ନିୟମ ବହିର୍ଭୂତ କାର୍ଯ୍ୟର କୌଣସି ତଥ୍ୟ ପ୍ରମାଣ ନଥିବା ସ୍ଥଳେ


### କ'ଣ କହିଲେ କୋର୍ଟ

ସେମାନଙ୍କୁ ଅପରାଧି ବୋଲି ବିଚାର କରାଯାଇପାରିବ ନାହିଁ।

ନୀତିଗତ ନିଷ୍ପତ୍ତିକୁ ଅତ୍ୟଧିକ ଅପରାଧିକ ଦୃଷ୍ଟିଭଙ୍ଗୀରେ ବିଚାର କଲେ ଶାସନ ବ୍ୟବସ୍ଥା ପଙ୍ଗୁ ହୋଇପାରେ। ଏଭଳି ଅନଧିକାର ପ୍ରବେଶ ଫଳରେ କୌଣସି ସରକାର ଜନମଙ୍ଗଳଭିତ୍ତିକ ନିୟମ ଲାଗୁ କରାଇବା ପୂର୍ବରୁ ଭୟଭୀତ ହୋଇପଡିବେ। ଏହା ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଗ୍ରହଣୀୟ ନୁହେଁ।

ଆର୍ଥିକ ଲାଭ ବା ବ୍ୟବସାୟିକ କାରବାର ଯୋଗୁଁ ଲାଭ ଆଦି ଖିଅକୁ ଯୋଡି ରାଜ୍ୟ ଶାସନ ଦାୟିତ୍ୱରେ ଥିବା ବ୍ୟକ୍ତିମାନଙ୍କୁ ଅପରାଧି ଭାବେ ବିଚାର କରିବା ପାଇଁ ସିବିଆଇ କୋର୍ଟକୁ ବାଧ କରିପାରିବେ ନାହିଁ।

ସିବିଆଇ ଅଭିଯୁକ୍ତମାନଙ୍କ ବିରୋଧରେ ଆଣିଥିବା ଦୁର୍ନୀତି ବା ଷଡଯନ୍ତ୍ର ଅଭିଯୋଗକୁ ପ୍ରମାଣିତ କରିପାରିଲା ଭଳି କୌଣସି ତଥ୍ୟ ପ୍ରମାଣ ଦେବାରେ ସଫଳ ହୋଇପାରିନାହିଁ। ବରଂ ଅନୁସନ୍ଧାନ ପୂର୍ବରୁ ଅଭିଯୁକ୍ତମାନଙ୍କୁ ଦୋଷୀ ବୋଲି ସ୍ଥିର କରି ଏହାକୁ ପ୍ରମାଣିତ କରିବା ପାଇଁ ସିବିଆଇ ବିଭିନ୍ନ ପ୍ରସଙ୍ଗକୁ ଯୋଡାଯୋଡି କରି ଉପସ୍ଥାପିତ କରିବାକୁ ଚେଷ୍ଟା କରିଛି। ଏଭଳି ଟିପ୍ପଣୀ ଦେଇ କୋର୍ଟ ସିବିଆଇକୁ ତୀବ୍ର ଭର୍ତ୍ସନା କରିଛନ୍ତି।




## ଟାଇମ୍‌ଲାଇନ୍

- **୨୦୨୧, ନଭେମ୍ବର ୧୭:** ନୂଆ ଅବକାରୀ ନୀତି ପ୍ରଣୟନ
- **୨୦୨୨, ଜୁଲାଇ ୮:** ମଦ ଦୁର୍ନୀତି ରିପୋର୍ଟ ପ୍ରଦାନ କଲେ ମୁଖ୍ୟ ସଚିବ ନରେଶ କୁମାର
- **୨୦୨୨, ଜୁଲାଇ ୨୨:** ଦୁର୍ନୀତିର ସିବିଆଇ ତଦନ୍ତ ପାଇଁ ଉପରାଜ୍ୟପାଳ ଭିକେ ସାକ୍ସେନାଙ୍କ ସୁପାରିଶ୍
- **୨୦୨୨, ଜୁଲାଇ ୩୦:** ଅବକାରୀ ନୀତି ପ୍ରତ୍ୟାହୃତ
- **୨୦୨୨, ଅଗଷ୍ଟ ୧୭:** ମାମଲା ରୁଜୁ କଲା ସିବିଆଇ
- **୨୦୨୨, ଅଗଷ୍ଟ ୨୨:** ଅର୍ଥ ହେରଫେର ମାମଲା ରୁଜୁ କଲା ଇଡ଼ି
- **୨୦୨୩, ଫେବୃଆରୀ ୨୬:** ମନୀଷ ସିସୋଦିଆଙ୍କୁ ଗିରଫ କଲା ସିବିଆଇ
- **୨୦୨୩, ମାର୍ଚ୍ଚ ୯:** ମନୀଷଙ୍କୁ ଗିରଫ କଲା ଇଡ଼ି
- **୨୦୨୪ ଅଗଷ୍ଟ ୯:** ସିସୋଦିଆଙ୍କୁ ଜାମିନ୍
- **୨୦୨୪, ମାର୍ଚ୍ଚ ୨୧:** ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କଲା ସିବିଆଇ
- **୨୦୨୪, ସେପ୍ଟେମ୍ବର ୧୩:** କେଜ୍ରିୱାଲଙ୍କୁ ଜାମିନ୍
- **୨୦୨୩, ଅକ୍ଟୋବର ୪:** ସଂଜୟ ସିଂହ ଗିରଫ
- **୨୦୨୬, ଫେବୃଆରୀ ୨୭:** କେଜ୍ରିୱାଲ, ସିସୋଦିଆଙ୍କ ସମେତ ୨୩ ଜଣ ଦୋଷମୁକ୍ତ

### ଇଡ଼ିର ଅଭିଯୋଗ

ଅରବିନ୍ଦ କେଜ୍ରିୱାଲ ଥିଲେ ମୁଖ୍ୟ ଷଡ଼ଯନ୍ତ୍ରକାରୀ। ତାଙ୍କୁ ସହଯୋଗ କରିଥିଲେ ମନୀଷ ସିସୋଦିଆ। ଦକ୍ଷିଣ ଭାରତର ଜଣେ ମଦ ବ୍ୟବସାୟୀଙ୍କ ଠାରୁ ସେ ଶହେ କୋଟି ଟଙ୍କାର ଲାଞ୍ଚ ମାଗିଥିଲେ।

ଲାଞ୍ଚ ପ୍ରତିବଦଳରେ ବେସରକାରୀ କମ୍ପାନୀକୁ ଫାଇଦା ମିଳିଥିଲା। ହୋଲସେଲ ବେପାରରେ ୧୨% ଲାଭ ମିଳିବା ସହ ଲାଇସେନ୍ସ ଛାଡ଼ କରାଯାଇଥିଲା।

ଅବକାରୀ ନୀତିରୁ ମିଳିଥିଲା ଲାଭରୁ ଆପ୍ ୪୫ କୋଟି ଟଙ୍କା, ୨୦୨୨ ଗୋଆ ବିଧାନସଭା ନିର୍ବାଚନରେ ଖର୍ଚ୍ଚ କରିଥିଲା।

ଏହି ଅବକାରୀ ନୀତି ଦ୍ୱାରା ସରକାରୀ ରାଜକୋଷ ବିପୁଳ କ୍ଷତି ସହିବା ସହ ଲୋକଙ୍କ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥିଲା। ୨୦୨୨ରୁ ଇଡ଼ି ଏନେଇ ୮ଟି ଚାର୍ଜସିଟ୍ ଦାଖଲ କରିବା ସହ ଆମ ଆଦମୀ ପାର୍ଟିକୁ ବି ଅଭିଯୁକ୍ତ ଦର୍ଶାଇଥିଲା।

## କ'ଣ ଥିଲା ଏହି ମାମଲା?

୨୦୨୧ ନଭେମ୍ବର ୧୭ରେ ଦିଲ୍ଲୀ ସରକାର ନୂଆ ଅବକାରୀ ନୀତି ପ୍ରଣୟନ କଲେ। ମଦ ଦୋକାନଗୁଡ଼ିକୁ ପ୍ରାଇଭେଟ୍ ବା ବେସରକାରୀ ସଂସ୍ଥାକୁ ଟେକି ଦିଆଗଲା। ଏହାଦ୍ୱାରା ମାଫିଆ ନିୟନ୍ତ୍ରଣ ହେବା ସହ ସରକାରଙ୍କ ରାଜସ୍ୱ ବଢ଼ିବ ବୋଲି କେଜ୍ରିୱାଲ୍ ସରକାର ଯୁକ୍ତି ବାଢ଼ିଥିଲେ।

୨୦୨୨ ଜୁଲାଇରେ ଦିଲ୍ଲୀର ତତ୍କାଳୀନ ମୁଖ୍ୟସଚିବ ଲେଫ୍ଟେନାଣ୍ଟ ଗଭର୍ଣ୍ଣର ଭିକେ ସାକସେନାଙ୍କୁ ଅବକାରୀ ନୀତିରେ ହୋଇଥିବା ଆର୍ଥିକ ଅନିୟମିତତା ନେଇ ରିପୋର୍ଟ ପ୍ରଦାନ କରିଥିଲେ। ଏହି ରିପୋର୍ଟ ଆଧାରରେ ଏଲଜି ସକସେନା ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ୨୦୨୨ ଅଗଷ୍ଟ ୧୭ରେ ସିବିଆଇ ମାମଲା ରୁଜୁ କରିଥିଲା। ପ୍ରଥମ ଦଫାରେ ମନୀଷ ସିସୋଦିଆ, ୩ ସରକାରୀ କର୍ମଚାରୀ, ୯ ବ୍ୟବସାୟୀ ଓ ଦୁଇ କମ୍ପାନୀଙ୍କୁ ଅଭିଯୁକ୍ତ ଭାବେ ସିବିଆଇ ଦର୍ଶାଇଥିଲା।

ଏହି ଅବକାରୀ ନୀତିକୁ ନେଇ ବିବାଦ ବଢ଼ିବାରୁ ଦିଲ୍ଲୀ ସରକାର ୨୦୨୨ ଜୁଲାଇ ୨୮ ରେ ତାହାକୁ ବାତିଲ୍ କରିଦେଇଥିଲେ। ତେବେ ସେହିବର୍ଷ ଅଗଷ୍ଟ ୨୨ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ମନିଲଣ୍ଡରିଂ କେଶ୍ ରୁଜୁ ହୋଇଥିଲା।

୨୦୨୩ ଫେବୃଆରୀ ୨୮ରେ ଦିଲ୍ଲୀର ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କୁ ଗିରଫ କରାଯାଇଥିଲା। ଅକ୍ଟୋବର ୪ରେ ଗିରଫ ହୋଇଥିଲେ ରାଜ୍ୟସଭା ସାଂସଦ ସଞ୍ଜୟ ସିଂ।

ଅପରପକ୍ଷରେ ୨୦୨୩ ନଭେମ୍ବରରୁ ୨୦୨୪ ମାର୍ଚ୍ଚ ମଧ୍ୟରେ ଇଡ଼ି ପକ୍ଷରୁ ଅରବିନ୍ଦ କେଜ୍ରିୱାଲଙ୍କୁ ୯ ଥର ସମନ କରାଯାଇଥିଲେବି ସେ ଇଡ଼ିରେ ହାଜର ହୋଇନଥିଲେ। ଫଳରେ ୨୦୨୪ ମାର୍ଚ୍ଚ ୨୧ରେ କେଜ୍ରିୱାଲଙ୍କୁ ତାଙ୍କ ବାସଭବନରୁ ଗିରଫ କରାଯାଇଥିଲା। ଜଣେ ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କରିବା ଘଟଣା ସେହି ସମୟରେ ଜାତୀୟ ରାଜନୀତିରେ ଆଲୋଡ଼ନ ସୃଷ୍ଟି କରିଥିଲା।

୨୦୨୪ ମାର୍ଚ୍ଚ ୨୮ରେ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ। ତେବେ ୨୦୨୪ ମେ'୧୦ରେ ତାଙ୍କୁ ୨୧ ଦିନ ପାଇଁ ଜାମିନ୍ ମିଳିଥିଲା। ଲୋକସଭା ନିର୍ବାଚନରେ ପ୍ରଚାର କରିବାକୁ ତାଙ୍କୁ ସୁଯୋଗ ମିଳିଥିଲା। ତେବେ ୨୦୨୪ ଜୁନ୍ ୨ରେ କେଜ୍ରିୱାଲଙ୍କୁ ପୁଣି ତିହାର ଜେଲ୍ ପଠାଇ ଦିଆଯାଇଥିଲା। ୨୦୨୪ ଜୁନ୍ ୨୦ରେ ତାଙ୍କୁ ଟ୍ରାଏଲ କୋର୍ଟ ଜାମିନ୍ ଦେଇଥିଲେବି ହାଇକୋର୍ଟ ରହିତାଦେଶ ଜାରି କରିଥିଲେ। ଶେଷରେ ୨୦୨୪ ସେପ୍ଟେମ୍ବର ୧୩ରେ ତାଙ୍କୁ ଜାମିନ୍ ମିଳିଥିଲା।

# କଟକ ନେତାଙ୍କ ପତିଆରା କମୁଛି !







ରାଜ୍ୟ ରାଜନୀତିର ଏନ୍ତୁଡ଼ିଶାଳ ହେଉଛି କଟକ। ଦିନେ କଟକରୁ ହିଁ ସବୁ ଦଳ ଅଙ୍କ କଷୁଥିଲେ । ସରକାରରେ ହେଉ ଅବା ଦଳରେ, କଟକ ନେତାଙ୍କ ବିନା ପତ୍ରଟେ ବି ହଲୁନଥିଲା। କଟକ ସହର ବି ଅନେକ ନେତାଙ୍କୁ ଜନ୍ମ ଦେଇଛି । କିନ୍ତୁ କଟକ ସହରର ନେତାଙ୍କ ପତିଆରା ଆଗଭଳି ରାଜ୍ୟ ରାଜନୀତିରେ ଦେଖିବାକୁ ମିଳୁନାହିଁ । ବିଜେଡ଼ି ହେଉକି ବିଜେପି ଅବା କଂଗ୍ରେସ, କଟକିଆ ନେତାଙ୍କ ପତିଆରା କମୁଥିବା ଲକ୍ଷ୍ୟ କରାଯାଉଛି ।

ଏକଦା ନିଜ ଦଳରେ ଦବଦବା ଜାହିର କରୁଥିବା ତିନି କଟିକିଆଙ୍କ ହାଲତ ଦେଖିଲେ ଏହା ସ୍ପଷ୍ଟ ଅନୁମେୟ । ଉପକୂଳର ଟାଣୁଆ କଂଗ୍ରେସ ନେତାଙ୍କ ମଧ୍ୟରେ ଅନ୍ୟତମ ହେଉଛନ୍ତି ମହମ୍ମଦ ମୋକିମ୍। କଟକ ସହରରେ ସେ ଆଉ ତାଙ୍କ ଝିଅ ସୋଫିଆ ଫିର୍ଦ୍ଦୋଷ ବିଧାୟକ ହେବା ଛୋଟିଆ କଥା ନୁହେଁ । ହେଲେ ଅତ୍ୟଧିକ ଉଚ୍ଚାକାଂକ୍ଷା ପାଇଁ ଆଜି ସେ କଂଗ୍ରେସରୁ ବିଦା ହୋଇଛନ୍ତି । ପିପିସି ସଭାପତି ହୋଇନପାରିବାରୁ ସେ ଦଳ ବିରୋଧରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ରୋଷ ଝାଡ଼ିଥିଲେ । ସେ କିଛି ଭୁଲ୍ କହୁନଥିଲେ, ହେଲେ ତାହା ଦଳର ଶୃଙ୍ଖଳା ଭାଙ୍ଗୁଥିଲା । ଫଳରେ ଦଳରୁ ବିଦା ହୋଇ ଏବେ ନୂଆ ଦଳ ଗଠନ ପାଇଁ ମୋକିମ୍ ଯୋଜନା କରୁଛନ୍ତି ।

୧୯ ୯୦ ଦଶକରୁ କଟକରେ ଚର୍ଚ୍ଚିତ ନେତା ହେଉଛନ୍ତି ପ୍ରଭାତ ତ୍ରିପାଠୀ । ବିଜୁବାବୁଙ୍କ ଅମଳରୁ ଜନତା ଦଳରେ ତାଙ୍କର ବେଶ୍ ପ୍ରଭାବ ଥିଲା । ଆଜିକା ଦିନରେ ଅନେକ ବିଧାୟକ ପ୍ରଭାତଙ୍କ ଚାଟଶାଳୀରୁ ହିଁ ରାଜନୀତି ଶିଖିଛନ୍ତି । ହେଲେ ଦଳର ପରିଚାଳନା, ବିଶେଷକରି ପାଣ୍ଡିଆନଙ୍କ ମନମାନିକୁ ତୀବ୍ର ବିରୋଧ କରିଥିଲେ ପ୍ରଭାତ । ଶେଷରେ ବିଜେଡ଼ି ବି ତାଙ୍କୁ ବହିଷ୍କାର କରିଥିଲା ।

ସବୁଠାରୁ ବଡ଼ କଥାଟି ହେଉଛି, କଥାକଥାକେ ନବୀନ ଓ ଦଳକୁ ସୁରକ୍ଷା ଦେବାକୁ ଆଗେଇ ଆସି ଦାମବାବୁ, ଦେବାଶିଷ ବାବୁଙ୍କ ସହ ଲଢ଼େଇ କରୁଥିବା ପ୍ରଭାତ ବିଶ୍ୱାଳଙ୍କୁ ବି ଦଳରୁ ବହିଷ୍କାର କରାଯାଇଛି । ଅବଶ୍ୟ ପୂର୍ବରୁ ସେ ଦୁଇ ଦୁଇ ଥର ନିଲମ୍ବିତ ହୋଇଥିଲେ । ଗତ କିଛି ମାସ ଧରି ସେ ଯୁଦ୍ଧଂଦେହୀ ଡାକରା ଦେଇଛନ୍ତି । ଦଳରେ ପତିଆରା ନଥିବାରୁ ସେ ରାଗରେ ଗରଗର ହେଉଥିଲେ । ଟାଣୁଆ ସଂଗଠକ ଭାବେ ଜଣାଶୁଣା ପ୍ରଭାତ ତିନିଥର ବିଧାୟକ ହୋଇଥିବାବେଳେ ତାଙ୍କ ପୁଅ ସୌଭିକ ବିଶ୍ୱାଳ ବି ଦୁଇଥର ବିଧାୟକ ହୋଇଛନ୍ତି । ତେବେ ନବୀନ ନିବାସରେ ନବୀନଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିବା ସହ ଉଚ୍ଚବାଚ୍ଚ ପାଇଁ ସେ ଦଳରୁ ବିଦା ହୋଇଛନ୍ତି ।

ଏହି ତିନି ନେତା ତ ଦଳରୁ ବିଦା ହୋଇସାରିଛନ୍ତି। କଟକ ସହରର ଆଉ ଜଣେ ନେତା ବି କେଉଁ ମୁହୂର୍ତ୍ତରେ ବିଦା ହୋଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି । ସେ ହେଉଛନ୍ତି ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ। ଅତୀତରେ ସେ ପାଣ୍ଡିଆନଙ୍କୁ ବିରୋଧ କରିବାକୁ ଯାଇ ନବୀନଙ୍କ ଆଡ଼କୁ ପରୋକ୍ଷରେ ବି ନିଶାନା ସାଧିଛନ୍ତି । ଦେବାଶିଷଙ୍କର ବି ଆଗଭଳି ବିଜେଡ଼ିରେ କାଟତି ନାହିଁ। ଏମିତିକି ନବୀନଙ୍କୁ ସାକ୍ଷାତ କରିବାର ସୁଯୋଗ ବି ପାଉନାହାନ୍ତି ବୋଲି ନିଜେ ଗଣମାଧ୍ୟମରେ ସ୍ୱୀକାର କରିଥିଲେ । ଅବଶ୍ୟ ପ୍ରଭାତ ବିଶ୍ୱାଳ ଦଳରୁ ବିଦା ହେବାପରେ ସେ ପୁରୁଣା ରାଗ ଶୁଝାଇବାକୁ ବେଶ୍ ଦିପଦ ଝାଡ଼ିଛନ୍ତି, ହେଲେ ଦେବାଶିଷ ଜାଣିଛନ୍ତି ଆଜିକା ଦିନରେ ଦଳରେ ତାଙ୍କର ସ୍ଥାନ କେଉଁଠି ?

ଇଏ ଗଲା କଂଗ୍ରେସ ଓ ବିଜେଡ଼ି ନେତାଙ୍କ କଥା । ବିଜେପିରେ ବି ସମାନ ଅବସ୍ଥା । ଏକଦା ସମୀର ଦେ' ରାଜ୍ୟ ବିଜେପିର ଆଗଧାଡ଼ିର ନେତା ଥିଲେ । ଦଳରେ ବି ତାଙ୍କର ବେଶ୍ ଦବଦବା ରହିଥିଲା । କିନ୍ତୁ ତାଙ୍କ ଅବର୍ତ୍ତମାନରେ ବିଜେପିରେ ଆଉ ପ୍ରଭାବଶାଳୀ ନେତା ନାହାନ୍ତି । ଭର୍ତ୍ତୃହରି ମହତାବ ୧୯୯୮ରୁ ଏଯାବତ୍ ସାଂସଦ ଭାବେ ନିର୍ବାଚିତ ହୋଇ ଆସୁଛନ୍ତି । ଇତିମଧ୍ୟରେ ମହତାବ ଲଗାତର କଟକରୁ ୭ ଥର ଜିତି ସାରିଛନ୍ତି । କିନ୍ତୁ ସେ ସବୁବେଳେ ଦିଲ୍ଲୀରେ ହିଁ ସୀମିତ ରହୁଛନ୍ତି । ବିଜେଡ଼ି ସାଂସଦ ଥିବାବେଳେ ବି ତାଙ୍କର ସେଭଳି ପତିଆରା ଦେଖିବାକୁ ମିଳୁନଥିଲା । ବରଂ ଦେବାଶିଷ ଓ ପ୍ରଭାତଙ୍କ ଭଳି ନେତା ତାଙ୍କୁ ଇଲେଇତି କରିବାକୁ ପଛାଉନଥିଲେ । ଏବେ ସେ ବିଜେପିରେ ଅଛନ୍ତି । କିନ୍ତୁ କେନ୍ଦ୍ରମନ୍ତ୍ରୀ ହେବାର ଦକ୍ଷତା ଥିଲେବି ପ୍ରଭାବ ଓ ପତିଆରା ନଥିବାରୁ କ୍ଷମତା ପାଇପାରୁନାହାନ୍ତି ।

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA



## ଦେବଯାନୀଙ୍କ ପାଇଁ 'ପଞ୍ଚାୟତ' ଆହ୍ୱାନ

**ଯାଜପୁରରୁ ବିକ୍ରମ କେଶରୀ ବିଶ୍ୱାଳ**

ଯାଜପୁର ଜିଲ୍ଲା ଏକ ରାଜନୈତିକ ସଚେତନ ଓ ସମ୍ବେଦନଶୀଳ ଜିଲ୍ଲା ଭାବେ ସମଗ୍ର ରାଜ୍ୟରେ ପରିଚିତ। ବିଭିନ୍ନ ଦଳର ଅନେକ ତୁଙ୍ଗ ନେତାଙ୍କ ଏହା କର୍ମଭୂମି। ଏମିତିବି ରାଜ୍ୟ ରାଜନୀତିରେ ସବୁବେଳେ ଯାଜପୁର ନେତାଙ୍କର ଦବଦବା ରହିଆସିଛି। ଅବଶ୍ୟ ୨୦୨୪ରୁ ଯାଜପୁର ରାଜନୀତି ନୂଆ ମୋଡ଼ ନେଇଯାଇଛି । ବିଜେଡ଼ିର ଟାଣୁଆ ନେତା ପ୍ରଣବ ପ୍ରକାଶ ଦାସ, ପ୍ରୀତିରଞ୍ଜନ ଘଡ଼େଇ ଓ ପ୍ରଣବ ବଳବନ୍ତରାୟ ହାରି ଯାଇଛନ୍ତି। ଅନେକ ବର୍ଷ ଧରି ବିଜେଡ଼ିର ଗଡ଼ ଭାବେ ପରିଗଣିତ ଯାଜପୁର ଏବେ ବିଜେପିର ଗଡ଼ ପାଲଟି ଯିବାକୁ ବସିଛି। ଶଙ୍ଖ ହୁଡ଼ା ଡେଇଁ କର୍ମୀମାନେ ପଦ୍ମ ପୋଖରୀରେ ଡିଆଁ ମାରୁଥିବା ଲକ୍ଷ୍ୟ କରାଯାଉଛି। ଏମିତି ସମୟରେ ମହିଳା ଭୋଟରଙ୍କୁ ଆକର୍ଷିତ କରି ଦଳକୁ ମଜବୁତ କରିବା ପାଇଁ ବିଜେପି ମହିଳା କାର୍ଡ଼ ଖେଳିଛି । ଦେବଯାନୀ ପ୍ରଧାନଙ୍କ ହାତରେ ଯାଜପୁର ବିଜେପି ମଙ୍ଗ ଧରାଇଛି ଦଳ ।

ମହିଳା ନେତ୍ରୀ ଭାବେ ସେ ବିଜେପିର ପ୍ରଥମ ଜିଲ୍ଲା ସଭାପତି ହୋଇପାରିଛନ୍ତି । ତାଙ୍କର ଲମ୍ବା ଦିନର ଅଭିଜ୍ଞତା ଓ ସାଂଗଠନିକ ଦକ୍ଷତାକୁ ବିଚାର କରି ଦଳର ଶୀର୍ଷ ନେତୃତ୍ୱ ତାଙ୍କ ଉପରେ କାର୍ଯ୍ୟଭାର ନ୍ୟସ୍ତ କରିଛନ୍ତି । ପୂର୍ବରୁ ସେ ପଦ୍ମଫୁଲ ଚିହ୍ନରେ ଜିଲ୍ଲା ପରିଷଦ ନିର୍ବାଚନ ଲଢ଼ିବା ସହ ଜିଲ୍ଲାର ସାଧାରଣ ସମ୍ପାଦକ, ବଡ଼ଚଣା ନିର୍ବାଚନମଣ୍ଡଳୀ ସଂଯୋଜକ ଭଳି ଅନେକ ସାଙ୍ଗଠନିକ ପଦବୀରେ ରହି କାମ କରିଛନ୍ତି । ସବୁ ନେତାଙ୍କ ସହ ତାଙ୍କର ସୁସମନ୍ୱୟ ରହିଛି । ସେହିପରି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର ନାୟକ ଓ କୋରେଇ ବିଧାୟକ ଆକାଶ ଦାସ ନାୟକ ଏବେ ଆକ୍ରମଣାତ୍ମକ ରଣନୀତି କରି ମିଶ୍ରଣ ପର୍ବ ଜୋରଦାର କରୁଛନ୍ତି । ଆଗକୁ ପଞ୍ଚାୟତ ନିର୍ବାଚନ ଥିବାବେଳେ ବିଜେଡ଼ି ବି ସଂଗଠିତ ହେବାରେ ଲାଗିଛି । ଏସବୁ ସ୍ଥିତିରେ ଦେବଯାନୀଙ୍କ ପାଇଁ ପଞ୍ଚାୟତ ନିର୍ବାଚନ ଏସିଡ ଟେଷ୍ଟ ସଦୃଶ । ପୂର୍ବରୁ ଯାଜପୁରକୁ ବିଜେଡିର ଗଡ଼ କୁହାଯାଉଥିବା ବେଳେ ୨୦୨୪ରେ ସେଠାରୁ ଜଣେ ସ୍ୱାଧୀନ ବିଧାୟକଙ୍କ ସମେତ ବିଜେପି ୪ ବିଧାନସଭା ଦଖଲ କରିସାରିଛି । ଏକାଧିକ ପଞ୍ଚାୟତ ସମିତି ଅଧ୍ୟକ୍ଷ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କୁ ନିଜ ଦଳକୁ ଆଣିବାରେ ସଫଳ ହୋଇଛି ।

# ସରିଗଲା କି ଗିରିଧରଙ୍କ ରାଜନୀତି

# ଦିନେ ଥିଲେ ଚର୍ଚ୍ଚିତ, ଏବେ ଅନାଲୋଚିତ

**କୋରାପୁଟରୁ ଶରତ ନାୟକଙ୍କ ରିପୋର୍ଟ**

ଦିନ ଥିଲା ଅବିଭକ୍ତ କୋରାପୁଟ ଜିଲ୍ଲାରେ ଗିରିଧର ଗମାଙ୍ଗଙ୍କ ଇସାରାରେ ଚାଲୁଥିଲା କଂଗ୍ରେସ ଦଳ। ଏମିତିକି ୧୯୯୯ରେ ତାଙ୍କର ଭାବମୂର୍ତ୍ତିକୁ ଦେଖି ଦଳ ତାଙ୍କୁ ଓଡିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଦେଇଥିଲା। ତେବେ ସରକାରକୁ ଚଳାଇବାରେ ସେ ବିଫଳ ହୋଇଥିଲେ। ମୁଖ୍ୟମନ୍ତ୍ରୀତ୍ୱ ସମୟରେ ସେ ନିଜ ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବି ଆଖିଦୃଶିଆ କାର୍ଯ୍ୟ କରିପାରିନଥିଲେ ।

ଗିରିଧର କୋରାପୁଟ ଲୋକସଭା ଆସନରୁ ୯ ଥର ନିର୍ବାଚିତ ହୋଇଥିଲେ । ରାୟଗଡା ଓ ଫୁଲବାଣୀକୁ ନେଇ ୧୯୫୨ ମସିହାରେ ଗଠିତ ହୋଇଥିବା ଉକ୍ତ ଆସନରୁ ପ୍ରଥମେ ଟି ସାଙ୍ଗାନା କଂଗ୍ରେସରୁ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ୧୯୫୭ରେ ଫୁଲବାଣୀ ବାଦ୍ ପଡି ଅବିଭକ୍ତ କୋରାପୁଟ ଜିଲ୍ଲାକୁ ନେଇ ଗଠନ ହୋଇଥିଲା ଲୋକସଭା ନିର୍ବାଚନ ମଣ୍ଡଳୀ। ଆର ଜଗନ୍ନାଥ ରାଓ କଂଗ୍ରେସରୁ ନିର୍ବାଚିତ ହୋଇଥିଲା ବେଳେ ଟି ସାଙ୍ଗାନା ମଧ୍ୟ ଏଠାରୁ ନିର୍ବାଚନ ଜିତିଲେ। ତେବେ ୧୯୬୨ ଓ ୧୯୬୭ରେ କଂଗ୍ରେସରୁ ରାମଚନ୍ଦ୍ର ଉଲାକା ଦୁଇ ଥର ଲୋକସଭାକୁ ଯାଇଥିଲେ ।୧୯୭୧ରେ ଭାଗିରଥି ଗମାଙ୍ଗ ନିର୍ବାଚନ ଜିଣିଥିଲେ । ତେବେ ଭାଗିରଥି ଇସ୍ତଫା ଦେଇ ବିଧାନସଭା ଲଢିବାରୁ ଏଠାରେ ଉପନିର୍ବାଚନ ହୋଇଥିଲା ଯେଉଁଥିରେ ଗିରିଧର ଗମାଙ୍ଗ କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ। ତେବେ ୧୯୭୨ ଉପ ନିର୍ବାଚନକୁ ମିଶାଇ ସେ ଏଠାରେ ୧୯୯୮ ନିର୍ବାଚନ ପର୍ଯ୍ୟନ୍ତ ଲଗାତର ୮ଟି ନିର୍ବାଚନ ଜିଣି ଲୋକସଭାକୁ ଯାଇ ରେକର୍ଡ ସୃଷ୍ଟି କରିଥିଲେ। ୨୦୦୪ରେ ପୁଣି ଗିରିଧର ଜିତିଥିଲେ । ତେବେ ୧୯୯୯ରେ ତାଙ୍କ ପତ୍ନୀ ହେମା ଗମାଙ୍ଗ କୋରାପୁଟର ସାଂସଦ ହେବାର ସୌଭାଗ୍ୟ ପାଇଥିଲେ। ୨୦୦୯ରେ ଜୟରାମ ପାଙ୍ଗି ବିଜୁ ଜନତା ଦଳରୁ ନିର୍ବାଚିତ ହୋଇଥିବା ବେଳେ ୨୦୧୪ରେ ମଧ୍ୟ ବିଜୁ ଜନତା ଦଳରୁ ଝିନ ହିକକା ନିର୍ବାଚିତ ହୋଇଥିଲେ । ସେହିପରି ୨୦୧୯ ଓ ୨୦୨୪ ରାମଚନ୍ଦ୍ର ଉଲାକାଙ୍କ ପୁଅ ସପ୍ତଗିରି ଶଙ୍କର ଉଲାକା ଜିତି ଆସୁଛନ୍ତି ।

୨୦୧୪ରେ ତାଙ୍କୁ କିମ୍ବା ପରିବାରରୁ କାହାକୁ କଂଗ୍ରେସ ଟିକେଟ୍ ନଦେବାରୁ ସେ ୨୦୧୫ରେ ବିଜେପିରେ ସାମିଲ୍ ହୋଇଥିଲେ । କିନ୍ତୁ ସେଭଳି ଗୁରୁତ୍ୱ ନମିଳିବାରୁ ୨୦୨୩ରେ ସେ ଇସ୍ତଫା ଦେଇ ବିଆରଏସକୁ ମୁହାଁଇଥିଲେ। କିନ୍ତୁ ବିଆରଏସ ଆଗେଇ ପାରିନଥିଲା। ତେଣୁ ବିଜେପିରୁ ଇସ୍ତଫା ଦେଇ ୨୦୨୪ରେ ପୁଣି କଂଗ୍ରେସରେ ଯୋଗଦେଇଥିଲେ। ସେହିପରି ତାଙ୍କ ପୁଅ ଶିଶିର ଗମାଙ୍ଗ ଗୁଣୁପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ୨୦୦୯ରେ କଂଗ୍ରେସରୁ ଓ ୨୦୧୯ରେ ଭାରତୀୟ ଜନତା ପାର୍ଟିରୁ ପ୍ରାର୍ଥୀ ହୋଇଥିଲେ ମଧ୍ୟ ଅଞ୍ଚଳବାସୀଙ୍କ ଆସ୍ଥା ଭାଜନ ହୋଇପାରିଲେ ନାହିଁ ।

ଖାଲି ରାଜ୍ୟରେ ନୁହେଁ ଗିରିଧର ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବାବେଳେ ଗୋଟିଏ ଭୋଟ୍‌ରେ ଅଟଳ ବିହାରୀ ବାଜପେୟୀଙ୍କ ସରକାରର ପତନ ଘଟିଥିଲା । ସେତେବେଳେ ସେ ମୁଖ୍ୟମନ୍ତ୍ରୀ ଥାଇ ଏହି ଭୋଟିଂ ବ୍ୟବସ୍ଥାରେ ସାମିଲ୍ ହେବାକୁ ନେଇ ଜାତୀୟ ରାଜନୀତିରେ ବି ସରଗରମ ଚର୍ଚ୍ଚା ହୋଇଥିଲା । ରାଜ୍ୟ ଓ କେନ୍ଦ୍ର ରାଜନୀତିରେ ଏକଦା ଚର୍ଚ୍ଚାରେ ଥିବା ଗିରିଧରଙ୍କୁ ନେଇ ଆଉ ସୋର ଶବ୍ଦ ବି ନାହିଁ । ରାଜନୀତିରେ ବି ସେ ଆଉ ସେତେଟା ସକ୍ରିୟ ନାହାନ୍ତି କି ସଂଗଠନ ବି ନାହିଁ । ତେବେ ବହୁବାର ସାଂସଦ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ହୋଇଥିବାରୁ କେବଳ ଔପଚାରିକ ଭାବେ ସମ୍ମାନ ମିଳୁଛି କହିଲେ ଅତ୍ୟୁକ୍ତି ହେବନାହିଁ।





## ଏମିତି ଥିଲା ଗିରିଧରଙ୍କ ରାଜନୀତି

୧୯୭୧ରେ ଭାଗିରଥି ଗମାଙ୍ଗୋ ଉଭୟ କୋରାପୁଟ ଲୋକସଭା ଆସନ ଓ ଗୁଣୁପୁର ବିଧାନସଭା ଆସନରୁ ବାଜିମାତ୍ କରିଥିଲେ। ତେବେ ସେ ବିଧାୟକ ହେବାକୁ ପସନ୍ଦ କରିବାରୁ ଲୋକସଭା ଆସନକୁ ଛାଡ଼ି ଦେଇଥିଲେ। ଫଳରେ କୋରାପୁଟ ଲୋକସଭା ଆସନ ପାଇଁ ଉପନିର୍ବାଚନ ହୋଇଥିଲା। ସେତେବେଳେ ଭାଗିରଥିଙ୍କୁ ପ୍ରାର୍ଥୀ ବାଛିବା ଦାୟିତ୍ୱ ଦେଇଥିଲା ଦଳ। ଶେଷରେ ଭଣଜା ଗିରିଧରଙ୍କୁ ହିଁ ଟିକେଟ୍ ଦେବାକୁ ସେ ଦଳକୁ ସୁପାରିଶ୍ କରିଥିଲେ। ସେଇଠାରୁ ଆରମ୍ଭ ହୋଇଥିଲା ଗିରିଧରଙ୍କ ଜୟଯାତ୍ରା। କୋରାପୁଟରୁ ୯ ଥର ସାଂସଦ ହେବାର ସେ ଗୌରବ ଅର୍ଜନ କରିଛନ୍ତି। କିନ୍ତୁ ଯେଉଁ ଭାଗିରଥିଙ୍କ ପାଇଁ ସେ ରାଜନୀତିରେ ସଫଳ ହୋଇଥିଲେ ଶେଷରେ ତାଙ୍କୁ ହିଁ ଧୋକ୍କା ଦେଇଥିଲେ। ତାଙ୍କ ସମୟର କଂଗ୍ରେସ ନେତାମାନେ କୁହନ୍ତି, ଲୋକପ୍ରିୟତା ଓ ଦୃଢ଼ ସଂଗଠନ ପାଇଁ ସେ ଏତେଥର କୋରାପୁଟରୁ ବାଜିମାତ୍ କରିନଥିଲେ, ବରଂ ଏହା କଂଗ୍ରେସର ଦୁର୍ଗ ହୋଇଥିବାରୁ ଗିରିଧର ଏଭଳି ସଫଳତା ପାଇଥିଲେ। ଆଉ ସବୁଠାରୁ ବଡ଼ କଥାଟି ହେଉଛି କ୍ଷମତା ପାଇଁ ସେ ବାରବାର ଦଳ ବଦଳାଇ ରାଜ୍ୟ ରାଜନୀତିରେ ଅପ୍ରାସଙ୍ଗିକ ହୋଇପଡ଼ିଛନ୍ତି। ତାଙ୍କର ସୁଦିନ ଫେରିବ କି ନାହିଁ ତା'ର ଉତ୍ତର ସମୟ ହିଁ ଦେଇପାରିବ।



ODIA WEEKLY GARVIT ODIA


ଗର୍ବିତ ଓଡ଼ିଆ

# ସମୀରଙ୍କ ବିକଳ୍ପ ହୋଇପାରିବେ କି ସୁବ୍ରତ ?

## ପଞ୍ଚାୟତ ନିର୍ବାଚନ କହିବ ସମୀରଙ୍କ ଭାଗ୍ୟ







**ନିମାପଡାରୁ ବସନ୍ତ ନାୟକ**

ପୁରୀ ଜିଲ୍ଲାର ଟାଣୁଆ ନେତାଙ୍କ ଭିତରେ ସମୀର ରଞ୍ଜନ ଦାସଙ୍କ ନାଁ ରହିଛି। କିନ୍ତୁ ୨୦୨୪ ତାଙ୍କ ରାଜନୀତିକ ଭବିଷ୍ୟତକୁ ଅନ୍ଧାରକୁ ଠେଲିଦେଇଛି। ବିଜେଡ଼ି ଉପରେ ଖପ୍ପା ହୋଇ ବିଜେପିକୁ ଆସିଥିଲେବି ସେଠାରେ ଅପମାନିତ ହେବାକୁ ପଡିଛି। ଏବେ ସମୀର ନିଜସ୍ୱ ସଂଗଠନ ଆରମ୍ଭ କରିଦେଇଥିବାବେଳେ ଉଭୟ ବିଜେଡ଼ି ଓ ବିଜେପିକୁ ଦମ୍ ଦେଖାଇବା ପାଇଁ ସଜବାଜ ହେଉଛନ୍ତି। ଗାଏମୋଟ୍ କହିଲେ ଆଗକୁ ପଞ୍ଚାୟତ ନିର୍ବାଚନ ଥିବାବେଳେ ନିମାପଡ଼ାରେ ଏଥର ଜୋରଦାର ଲଢ଼େଇ ଦେଖିବାକୁ ମିଳିବ।

ନିମାପଡ଼ାର ବିଧାୟିକା ପ୍ରଭାତୀ ପରିଡ଼ା ଏବେ ଉପମୁଖ୍ୟମନ୍ତ୍ରୀ। ଆଜିକାଲି ସେ 'ସୁଭଦ୍ରା' ଦିଦି ଭାବେ ପରିଚିତ। ସରକାରରେ ବେଶ୍ ପାୱାରଫୁଲ୍ ହୋଇଥିବାରୁ 'ଫୁଲ' ପାୱାର ଦେଖାଇବ ବୋଲି ବିଜେପି ଅଙ୍କ କଷୁଛି। ସେହିପରି ବିଦ୍ରୋହୀ ସମୀର ରଞ୍ଜନ ଦାସ ତିନି ତିନି ଥର ବିଧାୟକ ହେବା ସହ ମନ୍ତ୍ରୀ ହେବାର ବି ସୌଭାଗ୍ୟ ପାଇଥିଲେ। ନିମାପଡ଼ାର ପ୍ରତି ଗାଁରେ ସମୀରଙ୍କର ସଂଗଠନ ରହିଛି । ପ୍ରଭାତୀଙ୍କ ସହ ତାଙ୍କର ଅପଡ଼ ଥିବାରୁ ତାଙ୍କୁ ପାନେ ଦେବାକୁ ସେ ଯୋଜନା କରୁଛନ୍ତି। ସେପଟେ ବିଜେଡ଼ି ସୁବ୍ରତ ଛାଟୋଇଙ୍କୁ ନିମାପଡ଼ା ଦାୟିତ୍ୱ ଦେଇଛି। 'ବର୍ଣିକ' କୋଚିଂ ସେଣ୍ଟରର ମାଲିକ ସୁବ୍ରତ ଜଣେ ବିତ୍ତଶାଳୀ ନେତା। ଛାତ୍ରଛାତ୍ରୀଙ୍କୁ କୋଚିଂ ଦେଉଥିବାରୁ ତାଙ୍କର ବେଶ୍ ସୁନାମ ବି ରହିଛି। ଯାହାଫଳରେ ବିଜେଡ଼ିର ବ୍ରାଣ୍ଡ କର୍ମୀମାନେ ସୁବ୍ରତଙ୍କ ସହ ଯୋଡ଼ି ହୋଇଯାଇଛନ୍ତି। କିନ୍ତୁ ସମସ୍ୟାଟା ଭାସମାନ କର୍ମୀଙ୍କୁ ନେଇ ରହିଛି । କାହିଁକିନା କିଛି କର୍ମୀ ସମୀରଙ୍କ ସହ ଥିବାବେଳେ ଆଉ କିଛି ଫାଇଦା ପାଇଁ ବିଜେପି ସହ ନୁଙ୍ଗୁଫୁଙ୍ଗୁ ହେଉଥିବା ଲକ୍ଷ୍ୟ କରାଯାଉଛି।

ODIA WEEKLY GARVIT ODIA

**ନିମାପଡ଼ାର ବିଧାୟିକା ପ୍ରଭାତୀ ପରିଡ଼ା ଏବେ ଉପମୁଖ୍ୟମନ୍ତ୍ରୀ। ଆଜିକାଲି ସେ 'ସୁଭଦ୍ରା' ଦିଦି ଭାବେ ପରିଚିତ। ସରକାରରେ ବେଶ୍ ପାୱାରଫୁଲ୍। ସେହିପରି ବିଦ୍ରୋହୀ ସମୀର ରଞ୍ଜନ ଦାସ ତିନି ତିନି ଥର ବିଧାୟକ ହେବା ସହ ମନ୍ତ୍ରୀ ହେବାର ବି ସୌଭାଗ୍ୟ ପାଇଥିଲେ। ନିମାପଡ଼ାର ପ୍ରତି ଗାଁରେ ସମୀରଙ୍କର ସଂଗଠନ ରହିଛି। ସେପଟେ ବିଜେଡ଼ି ସୁବ୍ରତ ଛାଟୋଇଙ୍କୁ ନିମାପଡ଼ା ଦାୟିତ୍ୱ ଦେଇଛି। ସୁବ୍ରତ ଜଣେ ବିତ୍ତଶାଳୀ ନେତା। ଛାତ୍ରଛାତ୍ରୀଙ୍କୁ କୋଚିଂ ଦେଉଥିବାରୁ ତାଙ୍କର ବେଶ୍ ସୁନାମ ବି ରହିଛି। ଯାହାଫଳରେ ବିଜେଡ଼ିର ବ୍ରାଣ୍ଡ କର୍ମୀମାନେ ସୁବ୍ରତଙ୍କ ସହ ଯୋଡ଼ି ହୋଇଯାଇଛନ୍ତି।**

ଆଗାମୀ ପଞ୍ଚାୟତ ନିର୍ବାଚନରେ ନିମାପଡ଼ାରେ ତ୍ରିମୁଖୀ ଲଢ଼େଇର ରୋଚକ ଚିତ୍ର ଦେଖିବାକୁ ମିଳିବ। ଅଧିକାଂଶ ପଞ୍ଚାୟତରେ ପ୍ରଭାତୀ, ସମୀର ଓ ସୁବ୍ରତଙ୍କ କର୍ମୀଙ୍କ ଭିତରେ ଲଢ଼େଇ ହେବ। ରାଜନୀତିକ ଗୋଟି ଚାଳନାରେ ସମୀର ପୁରା ମାହିର ଥିବାରୁ ଉଭୟ ପ୍ରଭାତୀ ଓ ସୁବ୍ରତ ସମୀରଙ୍କ ରଣନୀତି ଉପରେ ଆଖି ରଖିଛନ୍ତି । କାହିଁକିନା ସରପଞ୍ଚରୁ ସମୀର ମନ୍ତ୍ରୀ ହୋଇପାରିଥିଲେ। ସିପିଆଇରୁ ରାଜନୀତି ଆରମ୍ଭ କରିଥିବା ସମୀର ପରେ ବିଜେପିରେ ଯୋଗଦେଇ ବାଇଧର ମଲ୍ଲିକଙ୍କୁ ବିଧାୟକ କରିବାରେ ସଫଳ ହୋଇଥିଲେ। କିନ୍ତୁ ବାଇଧରଙ୍କ ଠାରୁ ଧୋକ୍କା ଖାଇବା ପରେ ସେ ବିଜେଡ଼ି ଚାଲି ଯାଇଥିଲେ। ବିଜେଡିରୁ ପ୍ରାର୍ଥୀ ହୋଇ ସମୀର ତିନିଥର ବିଧାୟକ ହେବା ସହ ଗଣଶିକ୍ଷା ମନ୍ତ୍ରୀ ମଧ୍ୟ ହୋଇଥିଲେ । ଚବିଶରେ ସେ ପୁଣି ବିଜେପିକୁ ସହଯୋଗ କରି ବିଜେଡ଼ିକୁ ହରାଇଥିଲେ ବି ବାଇଧରଙ୍କ ଭଳି ପ୍ରଭାତୀ ବି ତାଙ୍କୁ ଦଳରୁ ବାହାରିବାର ବାଟ ଦେଖାଇ ଦେଇଛନ୍ତି ।

ସମୀର ବିଜେଡି ଛାଡିବା ପରେ ଅବଶ୍ୟ ନିମାପଡା ବିଜେଡି ସ୍ଥାଣୁ ହୋଇଯାଇଥିଲା। ଦିଲ୍ଲୀପ ନାୟକ ହାରିବା ପରେ ବିଜେଡ଼ି ଦବିଯିବା ସ୍ୱାଭାବିକ। ପରେପରେ ଦିଲ୍ଲୀପ ଠକେଇ ମାମଲାରେ ଜେଲ୍ ଯିବାପରେ ଦଳ ସଂଗଠନ ଆଗେଇ ପାରିନଥିଲେ । ଗାଏମୋଟ୍ କହିଲେ ନିମାପଡ଼ା ବିଜେଡ଼ି ଦିଗହରା ହୋଇଯାଇଥିଲା। ଅବଶ୍ୟ କମ୍ ଦିନ ଭିତରେ ସୁବ୍ରତ ବିଜେଡ଼ିକୁ ସଜାଡ଼ିବାକୁ ଚେଷ୍ଟା କରୁଥିବାବେଳେ ତାଙ୍କ ପାଇଁ ସମୀର ହିଁ କଣ୍ଟା ସାଜିବେ । କାହିଁକିନା ସମୀରଙ୍କ ମୂଳ କର୍ମୀ ହେଉଛନ୍ତି ବିଜେଡ଼ିର। ବିଜେପି ଭୋଟ ଉପରେ ସମୀର ବେଶୀ ପ୍ରଭାବ ପକାଇପାରିବେ ନାହିଁ। ଅର୍ଥାତ୍ ବିଜେଡ଼ି ଭୋଟ୍ ବିଭାଜନ ହେବାର ସମ୍ଭାବନା ରହିଛି। ଅବଶ୍ୟ ଜିଲ୍ଲା ପରିଷଦ ନିର୍ବାଚନରେ ପ୍ରଭାତୀଙ୍କୁ ପାନେ ଦେବାପାଇଁ ସମୀରଙ୍କ ସମର୍ଥକମାନଙ୍କ ଭୋଟ୍ ବିଜେଡିକୁ ଯିବାର ସମ୍ଭାବନା ରହିଛି। ସେ ସରପଞ୍ଚ ଓ ସମିତିସଭ୍ୟ ଉପରେ ବେଶୀ ଫୋକସ୍ କରିବେ ବୋଲି ଜାଣିବାକୁ ମିଳିଛି। ଏଭଳି ସ୍ଥିତିରେ ସମୀର ଯଦି ପଞ୍ଚାୟତରେ ଦମ୍ ଦେଖାଇନପାରନ୍ତି ତେବେ ତାଙ୍କ ରାଜନୀତିକ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟିହେବା ନିଶ୍ଚିତ ।

## ମହାମୂର୍ଖ ଉବାଚ



| ଡ଼ଃ କୁଳାଙ୍ଗାର |

ଆଗରୁ ନବୀନ ସିନା ରାଇଜର
ଛାମୁ ପଦେ ଥିଲେ ବୋଲି;
ଅନ୍ୟର ବୈଷ୍ଣବ ଦେଇ କହୁଥିଲେ
ହେଇଟି ମୁଁ ପ୍ରାର୍ଥୀ ଦେଲି!
ପାରିଲେନି ବୋଧେ ଭୁଲି,
ସଂଖ୍ୟା ବଳ ନାହିଁ କହନ୍ତି -
ହୋ ତାଙ୍କୁ ମିଳିତ ପ୍ରାର୍ଥୀ ମୁଁ କଲି!!

ସମସ୍ତଙ୍କୁ କାଳେ ଛାମୁ କରିଥାନ୍ତି
ଟିକଲ, ଗାଳି ଓ ଇଙ୍ଗିତ;
ଚୌଦ୍ୱାର-ପ୍ରଭାତ ଦୁଃସାହସୀ ଦେଖ
ସେ ଧାରାକୁ ଦେଲେ ଭାଙ୍ଗିତ!
ଯେ ମନ୍ତ୍ର ନୁହେଁ ସଙ୍ଗୀତ,
ସଭିଏଁ ଗାଇଲେ ରାଜ୍ୟ ଦୁଲୁକିବ
ଛାଡି ପଳେଇବେ ପଙ୍ଗତ!!


ଏ ଗୋଷ୍ଠିର ନେତା ରାଜ୍ୟସଭା
ଗଲେ ସେ ଗୋଷ୍ଠିର ମନ ଦୁଃଖ;
ଭିତରେ ଭିତରେ ଚେର କଟା ହୁଏ
ଉପରେ ଦିଶୁନି ଦେଖ!
ଦେଖି କହେ ମହାମୂର୍ଖ,
ତମେ ହିଁ ଶାସକ ତମେ ହିଁ ବିରୋଧୀ
ଭାବିକି ବାଛିଲେ ଲୋକ!!

ରାଜ୍ୟସଭା ନିର୍ବାଚନ ଆସିଗଲେ
ଗାନ୍ଧିଙ୍କ ଗୁରତ୍ୱ ବଢ଼େଇ;
କେତେ ପାର୍ଥୀ ଗାନ୍ଧିମୁଣ୍ଡ ଛପା ବିଡା
ଖୁସିରେ ଦିଅନ୍ତି ଉଡେଇ!
ମହାମୂର୍ଖ ନିଶା ଚଡେଇ,
କହେ ସେଇଟା ହିଁ ହିଂସାଫିଂସା ଛାଡି
ଅହିସା ମାର୍ଗରେ ଲଢେଇ!!

ଶଙ୍ଖ ଛାମୁଙ୍କର ପୁରୁଣା ବେମାରୀ
ସମ ଦୂରତାରେ ସୁଖ;
ନେତାଙ୍କୁ କହନ୍ତି ହାତ ଫୁଲଙ୍କଠୁ
ନିଜକୁ ଦୁରେଇ ରଖ!
ନେତା ତ ନୁହନ୍ତି ମୂର୍ଖ,
ଖେଳ ବିଗିଡିବ ସମଦୂରତାରେ
ବାଛିଦେଲେ ଅନ୍ୟ ଲୋକ!!

ହୁଇପି-ଫୁଇପି କାମ କରିବନି
ଇଏ ଗୁପ୍ତ ଭୋଟ କରାମତି;
ବିବେକାନୁମୋଦିତ ଭୋଅଟ
ଦବାକୁ ଆଗରୁ ତ କହିଛନ୍ତି!
ଯା ଦେହରେ ଥିବ ତାତି,
ବିବେକର ଡାକ ଶୁଣିଦେଲେ ଯଦି
ସିଧା ହୋଇଯିବ ମରାମତି!!

ଆଗରୁ ନବୀନ ଲଙ୍ଗ ଦେଖେଇକି
ହୋଲିକି ଖେଳୁ ନଥିଲେ;
ଏ ନବୀନ ନେତା ଧୁମ ଖେଳିଲେ
ରାଇଜକୁ ଖେଳେଇଲେ!
ରଙ୍ଗ ରାଜନୀତି କଲେ,
ଗେରୁଆ ବୋଳିକି କର୍ମୀମାନେ
ଗୋଟା ହନୁମାନ ପାଲଟିଲେ!!



# କର୍ପୋରେଟ୍ ଲବି ବନାମ ପ୍ରଭାତ

**ଚିତ୍ତରଂଜନ ମହାନ୍ତି, କଟକ**

ଓଡ଼ିଶାର ରାଜନୈତିକ ମହଲରେ ଆଜିକାଲି ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ନେଇ ବିବାଦ ଦେଖାଦେଇଛି । ପ୍ରଭାତ ବାବୁଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଛି । କିନ୍ତୁ ଏହି ବିବାଦ ମଧ୍ୟରେ ତାଙ୍କର ଜନସେବା ଏବଂ ଅଦମ୍ୟ ସଂଘର୍ଷର କାହାଣୀକୁ ଭୁଲିଯିବା ଉଚିତ୍ ନୁହେଁ । କଲେଜ ଶିକ୍ଷା ଶେଷ କରିବା ପରେ ୧୯୯୪ ମସିହାରୁ ସେ ଜନ ସେବାରେ ନିଜକୁ ନିୟୋଜିତ କରିଥିଲେ । ଲୋକଙ୍କ ସହ ତାଙ୍କର ଗଭୀର ସମ୍ପର୍କ ଯୋଗୁଁ ୨୦୦୪ରେ ସେ କଟକ ସଦର ବିଧାନସଭା ଆସନରୁ ବହୁ ଭୋଟ ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ ।

ତାଙ୍କର ନିଷ୍ଠା ଏବଂ କାର୍ଯ୍ୟକୁ ଦେଖି ପ୍ୟାରୀ ମୋହନ ମହାପାତ୍ର ପ୍ରଭାବିତ ହୋଇ ୨୦୦୯ରେ ତାଙ୍କୁ କଟକ ଚୌଦ୍ୱାର ଆସନରୁ ବିଜେଡି ଟିକେଟ ଦେଇଥିଲେ । ଯେହେତୁ ସେ ପ୍ୟାରୀ ମୋହନ ମହାପାତ୍ରଙ୍କ ନିକଟତମ ଥିଲେ, ତେଣୁ ଚର୍ଚ୍ଚିତ ମେ' ୨୯ ମଧ୍ୟରାତ୍ର ଷଡ଼ଯନ୍ତ୍ରରେ ସାମିଲ୍ ହେବା ସହ ସ୍ୱସ୍ତି ପ୍ଲାଜା ହୋଟେଲରେ ଉପସ୍ଥିତ ଥିଲେ । ଗତ ୨୨ ବର୍ଷ ଧରି ପ୍ରଭାତ ବାବୁ କିମ୍ବା ତାଙ୍କ ପୁତ୍ର ସୌଭିକ ବିଶ୍ୱାଳ ପ୍ରତ୍ୟେକ ନିର୍ବାଚନରେ ବିପୁଳ ଭୋଟ ମାର୍ଜିନରେ ଜିତିଛନ୍ତି । ମଧ୍ୟବର୍ତ୍ତୀ ସମୟରେ ଦଳୀୟ ସହକର୍ମୀମାନଙ୍କ ଦ୍ୱାରା ଏକ ଷଡ଼ଯନ୍ତ୍ରର ଶିକାର ହୋଇ ସେ ଚିଟ୍‌ଫଣ୍ଡ ଘୋଟାଲାରେ ଫସିଗଲେ । ସିସୋର କମ୍ପାନୀ ସହ ୨୪ ଲକ୍ଷ ଟଙ୍କାର ଜମି ଡିଲ ଯୋଗୁଁ ଏହି ଫାନ୍ଦରେ ପଡ଼ିଥିଲେ । ପ୍ୟାରୀ ବିଜେଡ଼ିରୁ ଯିବା ପରେ ପ୍ରଭାତଙ୍କୁ ସବୁବେଳେ ଦଳ ପକ୍ଷରୁ ହଇରାଣ କରାଯାଉଥିବା ଲକ୍ଷ୍ୟ କରାଯାଉଛି । ଏମିତିକି ଚିଟଫଣ୍ଡ କେଶ୍ ପାଇଁ ପ୍ରଭାତଙ୍କୁ ଦଳ ଟିକେଟ୍ ବି ଦେଇନଥିଲା । କିନ୍ତୁ ତାଙ୍କର ଲୋକପ୍ରିୟତା ଦେଖି ବିଜେଡି ୨୦୧୯ ଏବଂ ୨୦୨୪ରେ ତାଙ୍କ ପୁତ୍ର ସୌଭିକଙ୍କୁ ଟିକେଟ ଦେଇଥିଲା ।


ପ୍ରଭାତ ବାବୁ ଓଡ଼ିଶାର ଜଣେ ପରିଶ୍ରମୀ ନେତା ଭାବେ ଜଣାଶୁଣା । ଅନ୍ୟ ଅଞ୍ଚଳର ବିଧାୟକମାନଙ୍କ ଠାରୁ ସେ ବହୁତ ଭିନ୍ନ । ପ୍ରତିଦିନ ସେ ଯାଇ ଲୋକଙ୍କ ସମସ୍ୟା ଶୁଣନ୍ତି ଏବଂ ପ୍ରତ୍ୟେକ ବ୍ୟକ୍ତିର କଥାକୁ ଧ୍ୟାନ ଦିଅନ୍ତି । କଲେଜ ଛକ, ରାଣୀହାଟ, ମଙ୍ଗଳାବାଗ କିମ୍ବା ଚୌଦ୍ୱାର ଅଞ୍ଚଳରେ କେହି ତାଙ୍କ ବିରୋଧରେ କିଛି କହନ୍ତି ନାହିଁ । ତାଙ୍କର ଲୋକପ୍ରିୟତା ଏତେଯେ, କଟକ-ଚୌଦ୍ୱାର ଅଞ୍ଚଳରେ କଂଗ୍ରେସ କିମ୍ବା ବିଜେପିର କୌଣସି ଉପସ୍ଥିତି ନାହିଁ । ଅବଶ୍ୟ ତାଙ୍କ ପରିବାରର ବିଳାସିନୀ ବିଶ୍ୱାଳ ଟାଙ୍ଗୀ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାବେ କ୍ଷମତାର ଦୁରୁପଯୋଗ କରିଥିବାର ଅଭିଯୋଗ ଆସିଥିଲା ।

ସୌଭିକ ବିଶ୍ୱାଳ ମଧ୍ୟ ଏକ ଉତ୍ତମ ବିଧାୟକ । ତାଙ୍କ ଅଞ୍ଚଳରେ ଏସସିବି ମେଡିକାଲ, ଯୋବ୍ରା, ରେଭେନ୍‌ସା କଲେଜ ଏବଂ ଚୌଦ୍ୱାର ଶିଳ୍ପାଞ୍ଚଳ ପଡୁଥିବାରୁ ସେ ଅଞ୍ଚଳର ବିକାଶରେ ଯୋଗଦାନ ଦେଇଛନ୍ତି । ବିଜେଡିରେ କର୍ପୋରେଟ ଲବିର କାର୍ଯ୍ୟକଳାପ ବଢୁଥିବା ବେଳେ ପ୍ରଭାତ ବାବୁ ଭଳି ରାଜନୈତିକ ହେଭିୱେଟମାନେ ଚୁପ୍ ରହିବା ଉଚିତ୍ ନୁହେଁ । ଗତ ସାଧାରଣ ନିର୍ବାଚନରେ ପ୍ରଶାସକରୁ ରାଜନେତା ହୋଇଥିବା ଭି.କେ. ପାଣ୍ଡିଆନ୍ ଏକାକୀ ରାଜ୍ୟବ୍ୟାପୀ ଭ୍ରମଣ କରିଥିଲେ ଯାହା ବିଜେଡିକୁ ବିପର୍ଯ୍ୟୟକାରୀ ପରାଜୟକୁ ନେଇଗଲା । ସେହି ସମୟରେ ଦଳୀୟ ନେତାମାନେ ନବୀନ ପଟ୍ଟନାୟକ ଏବଂ ଭି.କେ. ପାଣ୍ଡିଆନଙ୍କୁ ଭୟରେ କିଛି କହିନଥିଲେ । ଫଳରେ ଲୋକମାନେ ବିଜେଡିକୁ କ୍ଷମତାରୁ ବାହାର କରିଦେଲେ ।

ଏବେ ଅତି କମରେ ପ୍ରଭାତ ବିଶ୍ୱାଳ ସ୍ୱର ଉଠାଇଛନ୍ତି । ଯେତେବେଳେ ସଂତୃପ୍ତ ମିଶ୍ରଙ୍କ ଭଳି ନୂଆ ଆଗନ୍ତୁକଙ୍କୁ ଅନୁଭବୀ ଦଳୀୟ ନେତାମାନଙ୍କ ଉପରେ ପ୍ରାଧାନ୍ୟ ଦିଆଯାଉଛି । କର୍ପୋରେଟ ମଧ୍ୟସ୍ଥିଙ୍କୁ ଆଗରେ ରଖିବା ହେଉଛି ପ୍ରଶାସକ ପାଣ୍ଡିଆନଙ୍କୁ ଗୁରୁତ୍ୱ ଦେବା ଭଳି । ବିଜେଡି ଏକ ଗଣତାନ୍ତ୍ରିକ ଦଳ ନୁହେଁ । ଏକଦା ସୂର୍ଯ୍ୟ ପାତ୍ର ଏକ ବଡ଼ ସଭାରେ ଜୋରରେ କହିଥିଲେ, "ହଁ ହଁ ମୁଁ ନବୀନ ପଟ୍ଟନାୟକଙ୍କର ଚାକର" ଏବଂ ତାଙ୍କୁ ପଦୋନ୍ନତି ଦିଆଗଲା । ବବି ଦାସ କହିଥିଲେ 'ମୁଁ କ୍ରୀତଦାସ' ।

ବିଜେଡି 'ମୂଲ୍ୟଭିତ୍ତିକ ରାଜନୀତି\'ରେ ବିଶ୍ୱାସ କରେନାହିଁ । କର୍ପୋରେଟ ପାୱାର ବ୍ରୋକର ସଂତୃପ୍ତ ମିଶ୍ର ଯାହାଙ୍କୁ ଲୋକମାନେ ଗତ ଲୋକସଭାରେ ପ୍ରତ୍ୟାଖ୍ୟାନ କରିଥିଲେ । ବିଜେଡି ଜନାଦେଶ ବିରୋଧରେ ଯାଇ ତାଙ୍କୁ ରାଜ୍ୟସଭାକୁ ପଠାଉଛି । ଅତୀତରେ ବିଜେଡି ସୁଜିତ କୁମାର, ମମତା ମହନ୍ତ, ଅମର ପଟ୍ଟନାୟକଙ୍କ ଭଳି ରାଜନୀତି ବାହାର ଲୋକଙ୍କୁ ପଠାଇଥିଲା ଏବଂ ପରିଣାମ ଭୋଗିଥିଲା । ଏବେ ବିଜେଡି ପୁଣି ସେହି ଭୁଲ କରୁଛି । ପ୍ରଭାତଙ୍କ ଅନୁଭବ ଏବଂ ନିଷ୍ଠା ରାଜ୍ୟର ହିତରେ ବ୍ୟବହାର ହେବା ଦରକାର । ପ୍ରଭାତ ବିଶ୍ୱାଳଙ୍କ ଜନସେବାର ଯାତ୍ରା ଆଗକୁ ବଢ଼ିବା ଉଚିତ୍, କାରଣ ସେ ଜନତାର ସ୍ୱର ।

# ଯଦି ଜିତନ୍ତି ଦତ୍ତେଶ୍ୱର ଭକ୍ତ ହେବେ ହିରୋ



ବିଜେପିର ସବୁ ଅଙ୍କ ଗଡ଼ବଡ଼ କରିଦେଲେ ପିସିସି ମୁଖିଆ ଭକ୍ତ ଚରଣ ଦାସ । ଭକ୍ତଙ୍କର ମିଳିତ ପ୍ରାର୍ଥୀ ଯୋଜନାକୁ ନବୀନ ଗ୍ରହଣ କରିବେ ବୋଲି ବିଜେପି ଭାବିନଥିଲା । ବରଂ ଦିଲ୍ଲୀରୁ ନବୀନଙ୍କ ଉପରେ ଚାପ ପକାଇ ୩ ଆସନ ଆରାମରେ ଜିତିଯିବେ ବୋଲି ରାଜ୍ୟ ବିଜେପି ନେତୃତ୍ୱ ଭାବିଥିଲେ। ହେଲେ ଏବେ ନବୀନ-ଭକ୍ତ ଏମିତି ଗୋଟି ଚଳାଇଥିଲେଯେ, ବିଜେପିର ଅକଲଗୁଡୁମ ହୋଇଯାଇଛି। ବିଜେଡ଼ିର ବଳକା ଭୋଟ୍ ଓ କଂଗ୍ରେସ ଭୋଟ୍ ହିସାବକୁ ନେଲେ ଡାକ୍ତର ଦତ୍ତେଶ୍ୱର ହୋତା ବାଜିମାତ୍ କରିପାରିବେ। ଅବଶ୍ୟ ଘୋଡ଼ାବେପାର ହେଲେ ଏହି ସଂଖ୍ୟା ଗଣିତର ଖେଳ ଗୋଳମାଳ ହୋଇଯିବ। ଯଦି ସବୁକିଛି ଠିକ୍ ଠାକ୍ ଚାଲେ ଓ ଦତ୍ତେଶ୍ୱର ବାଜିମାତ୍ କରନ୍ତି ତେବେ ଭକ୍ତ ଦାସ ହିଁ ଏବେ ଅସଲ ହିରୋ। ବିଜେପିକୁ ଅଟକାଇବା ପାଇଁ ସେ ନବୀନଙ୍କ ସବୁ ସର୍ତ୍ତରେ ରାଜି ହୋଇଛନ୍ତି। ଅବଶ୍ୟ ଭକ୍ତଙ୍କ ବଦଳରେ ନବୀନଙ୍କୁ କେମିତି କ୍ରେଡ଼ିଟ୍ ଯିବ ତାହାକୁ ନେଇ ବିଜେଡ଼ି ଯୋଜନା କରିଛି। ସୋସିଆଲ ମିଡ଼ିଆରେ ବୁଲେଇ ବାଙ୍କେଇ ଦତ୍ତେଶ୍ୱରଙ୍କୁ ବିଜେଡ଼ି ପ୍ରାର୍ଥୀ ଭାବେ ଉପସ୍ଥାପିତ କରାଯାଉଥିବା ଲକ୍ଷ୍ୟ କରାଯାଉଛି। କିନ୍ତୁ ସତ କ'ଣ, ତାହା ସମସ୍ତେ ଜାଣନ୍ତି ।

ODIA WEEKLY • GARVIT ODIA

# ଥାଲାପତି ବିଜୟଙ୍କୁ ପତ୍ନୀଙ୍କ ଝଟକା

## ପରକୀୟା ପ୍ରୀତି ପାଇଁ ମାଗିଲେ ଛାଡ଼ପତ୍ର

ଆଜିକାଲି ଥାଲାପତି ବିଜୟଙ୍କ ବେଳକାଳ ଜମା ଭଲ ନାହିଁ। ଗୋଟିଏ ପଟେ କାରୁର ଦଳାଚକଟା ପାଇଁ ସେ ସିବିଆଇ ଜେରାର ସାମ୍ନା କରିଥିବାବେଳେ ଅପରପକ୍ଷରେ ବହୁ ପ୍ରତୀକ୍ଷିତ ସିନେମା ଜନ ନାୟଗନଙ୍କୁ ରିଲିଜ ପାଇଁ ଅନୁମତି ମିଳିପାରିନାହିଁ। ତାମିଲନାଡୁ ବିଧାନସଭା ନିର୍ବାଚନରେ ବିଜୟଙ୍କ ଟିଭିକେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଥିବାବେଳେ ପତ୍ନୀ ସଂଗୀତା ସରେନାଲିଙ୍ଗମ ତାଙ୍କୁ ଜୋରଦାର ଝଟକା ଦେଇଛନ୍ତି। ଯାହାକି ଟିଭିକେ ଓ ବିଜୟଙ୍କର ଲୋକପ୍ରିୟତାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଅନ୍ୟ ଜଣେ ଅଭିନେତ୍ରୀଙ୍କ ସହ ତାଙ୍କର ପରକୀୟା ପ୍ରୀତି ଥିବା ଅଭିଯୋଗ କରି ସେ ଚେଙ୍ଗାଲପାଟୁ ଫ୍ୟାମିଲି କୋର୍ଟରେ ଆବେଦନ କରିଛନ୍ତି। ସୂଚନାଯୋଗ୍ୟଯେ, ଉଭୟଙ୍କ ବୈବାହିକ ଜୀବନ ୨୭ ବର୍ଷ ତଳୁ ଆରମ୍ଭ ହୋଇଥିଲା। ସଂଗୀତା ଜଣେ ଉଦ୍ୟୋଗୀ ଓ ବିଜୟଙ୍କର ଫ୍ୟାନ୍ ଥିଲେ। ସେ ଲଣ୍ଡନ ଛାଡ଼ି ବିଜୟଙ୍କ ପାଖକୁ ଚାଲି ଆସିଥିଲେ। ତାଙ୍କର ଏବେ ଦୁଇ ସନ୍ତାନ ଜାସନ ସଂଜୟ ଓ ଦିବ୍ୟା ଶାସା ଅଛନ୍ତି।



# ୨୦୨୪ରୁ 'ପଦ୍ମ' ସହ ଅନନ୍ତଙ୍କ ପୁଅ

ଭୋଗରାଇର ଲୋକପ୍ରିୟ ନେତା ଥିଲେ ଅନନ୍ତ ଦାସ। ପ୍ରଶାସନିକ ଅଧିକାରୀରୁ ରାଜନୀତିକୁ ଆସି ସେ ବେଶ୍ ସଫଳ ବି ହୋଇଥିଲେ । ଚାରି ଚାରି ଥର ବିଧାୟକ ହେବା ସହ ମନ୍ତ୍ରୀ ବି ହୋଇଛନ୍ତି। ହେଲେ ଯେଉଁ ଅନନ୍ତ ବିଜେଡ଼ି ପାଇଁ ଏତେ ସୌଭାଗ୍ୟଶାଳୀ ଓ କ୍ଷମତାଶାଳୀ ହୋଇଥିଲେ, ଏବେ ତାଙ୍କ ପରିବାର ବିଜେପିକୁ ଯିବା ପାଇଁ ଗୋଡ଼ ଟେକି ବସିଛନ୍ତି। ଆମେ କହୁଛୁ ତାଙ୍କ ପୁଅ ଅଭିଜିତଙ୍କ କଥା। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନା କରିବା ପରେ ବିଜେପିକୁ ଯିବେବୋଲି ଅଭିଜିତ୍ କହିଛନ୍ତି। ତେବେ ଏହାକୁ ନେଇ ଭୋଗରାଇରେ କେହିବି ଚକିତ ନୁହଁନ୍ତି। କାହିଁକିନା ଅଭିଜିତ ୨୦୨୪ରୁ ବିଜେପି ହୋଇସାରିଛନ୍ତି । କେବଳ ଔପଚାରିକ ଭାବେ ମିଶିବା ହିଁ ବାକି ରହିଥିଲା ।

ଏବେ ପ୍ରଶ୍ନ ଉଠୁଛି, ଏହାଦ୍ୱାରା ଭୋଗରାଇରେ ବିଜେଡ଼ି କ୍ଷତିଗ୍ରସ୍ତ ହେବକି? ଏହାର ଉତ୍ତର ପାଇବା ପାଇଁ ୨୦୨୪ ନିର୍ବାଚନର କିଛି ମାସର ଘଟଣାବଳୀକୁ ଅନୁଶୀଳନ କଲେ ଠିକ୍ ହେବ। ଅନନ୍ତ ବାବୁ ଭୋଗରାଇର ଜଣେ ଲୋକପ୍ରିୟ ନେତା ଥିଲେ। ଭୋଟର, କର୍ମୀ, ଗାଁ ନେତା ସମସ୍ତେ ତାଙ୍କୁ ଭଲ ପାଉଥିଲେ ଓ ସମ୍ମାନ ବି ଜଣାଉଥିଲେ। କିନ୍ତୁ କରୋନା ପରେପରେ ସେ ବେଶ୍ ଅସୁସ୍ଥ ହୋଇପଡ଼ିଥିଲେ। ସଂଗଠନରେ ସେତେଟା ସକ୍ରିୟ ନଥିଲେ। ତେବେ ପୁଅ ବିଶ୍ୱଜିତ ଦାସଙ୍କୁ ଭୋଗରାଇର ମଙ୍ଗ ଧରାଇବା ପାଇଁ





ଗର୍ବିତ ଓଡ଼ିଆ ODIA WEEKLY GARBITA ODIA

ଅନନ୍ତ ଯୋଜନା କରିଥିଲେ। ୨୦୨୨ ପଞ୍ଚାୟତ ନିର୍ବାଚନରେ ସିଆଁରୋଇ ପଞ୍ଚାୟତରୁ ସମିତି ସଭ୍ୟ ଭାବେ ନିର୍ବାଚନ ଲଢ଼ିଥିଲେ ପୁଅ ବିଶ୍ୱଜିତ୍। ଲକ୍ଷ୍ୟ ଥିଲା ଭୋଗରାଇ ବ୍ଲକ ଅଧ୍ୟକ୍ଷ ହେବା। ଭୋଗରାଇ ବ୍ଲକକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ ହୋଇଥିବାରୁ ବ୍ଲକ ଚେୟାରମ୍ୟାନ ହେଲେ ସଂଗଠନ ଓ କ୍ଷମତା ହାତମୁଠାରେ ରହିପାରିବ। ହେଲେ ବିଶ୍ୱଜିତ୍ ସମିତିସଭ୍ୟ ଭାବେ ହାରିବା ପରେ ସେ ସ୍ୱପ୍ନ ଧୂଳିସାତ୍ ହୋଇଯାଇଥିଲା।

ଅପରପକ୍ଷରେ ଅନନ୍ତ ସଂଗଠନରେ ବେଶୀ ସକ୍ରିୟ ନରହିବା, ଦୀର୍ଘଦିନ ଧରି କ୍ଷମତାରେ ଥିବାରୁ ବିରୋଧୀ ଓ ବିଦ୍ରୋହୀ ସକ୍ରିୟ ହୋଇଯିବା ଏବଂ ସର୍ବୋପରି ପରିବାରବାଦକୁ ଭୋଗରାଇବାସୀ ଗ୍ରହଣ କରିବେ ନାହିଁ ବୋଲି ବାର୍ତ୍ତା ଖେଳି ଯାଇଥିଲା। ସେ ସମୟରେ ବିଜେଡ଼ି ପକ୍ଷରୁ ହୋଇଥିବା ସର୍ଭେରେ, ଅନନ୍ତଙ୍କ ପରିବାରର କାହାକୁ ଟିକେଟ୍ ଦେଲେ ଜିତିବା ସମ୍ଭବପର ନଥିଲା। ସେହିପରି ନିଜେ ଆଉ ଲଢ଼ିବା ସ୍ଥିତିରେ ନଥିବାରୁ ବିଶ୍ୱଜିତଙ୍କ ବଦଳରେ ଅଭିଜିତଙ୍କ ପାଇଁ ଟିକେଟ୍ ଚାହିଁଥିଲେ ଅନନ୍ତ। କିନ୍ତୁ ପରାଜୟ ନିଶ୍ଚିତ ଥିବାରୁ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ମନା କରିଦେଇଥିଲେ। ଏହି ସମୟରେ ବିଜେଡ଼ି ଟିକେଟ ରେସରେ ରହିଗଲେ ଗୌତମବୁଦ୍ଧ ଦାସ। ତାଙ୍କ ବାପା ଦୁର୍ଗାଶଙ୍କର ଦାସ ୧୯୫୭ରେ ବିଧାୟକ ବି ଥିଲେ। କଂଗ୍ରେସର ସେ ଥିଲେ ଜଣେ ଟାଣୁଆ ନେତା। ରାଜନୀତିକ ପରିବାରରୁ ଆସିଥିବାବେଳେ ସାମ୍ବାଦିକ ଭାବେ ବି ଗୌତମ ସୁନାମ ଅର୍ଜନ କରିଥିଲେ। ୨୦୨୪ରେ ଦଳ ତାଙ୍କୁ ଟିକେଟ୍ ଦେବାପରେ ହରାଇବାକୁ ଲାଗି ପଡ଼ିଥିଲେ ଅନନ୍ତ ଦାସଙ୍କ ଦୁଇ ପୁଅ। ତାଙ୍କର ଅତି ନିକଟତମ ଲୋକଙ୍କ ସହଯୋଗରେ ପ୍ରାୟ ସାତ ଆଠ ହଜାର ଭୋଟ୍ କଂଗ୍ରେସକୁ ବି ଚାଲି ଯାଇଥିଲା। ତେବେ ଭୋଗରାଇ ବିଜେଡ଼ିର ଗଡ଼ ହୋଇଥିବାରୁ ନବୀନ ପ୍ରେମୀମାନେ ଗୌତମବୁଦ୍ଧଙ୍କୁ ଭୋଟ୍ ଦେଇଥିଲେ। ଗୌତମଙ୍କୁ ହରାଇବାର ପ୍ରଥମ ଚାଲ୍ ବିଫଳ ହେବାପରେ ୨୦୨୪ରେ ଅଭିଜିତ୍ ନୂଆ ଗୋଟି ଚଳାଇଥିଲେ। ବିଜେପି ସରକାରକୁ ଆସିଯାଇଥିବାବେଳେ ବିଜେଡ଼ିରେ ଆଉ ଭବିଷ୍ୟତ ନଥିବା ସେ ଜାଣି ପାରିଥିଲେ। ଏମିତିବି ବିଧାୟକ ହେବା ପରେ ଦଳରେ ଗୌତମଙ୍କର କାଟତି ବଢ଼ୁଥିବା ଲକ୍ଷ୍ୟ କରାଯାଇଥିଲା। ବିଶେଷକରି ବିଧାନସଭାରେ ହେଉ ଅବା ଦଳୀୟ କାର୍ଯ୍ୟକ୍ରମରେ ତାଙ୍କୁ ଅଧିକ ସୁଯୋଗ ଦିଆଯାଉଥିବାରୁ ବିଜେଡ଼ି ଛାଡ଼ିବା ପାଇଁ ଅଭିଜିତ୍ ବହୁ ପୂର୍ବରୁ ଯୋଜନା କରିଥିଲେ। ଗାଏମୋଟ୍ କହିଲେ, ୨୦୨୪ ନିର୍ବାଚନର ଛଅ ସାତ ମାସ ଭିତରେ ସେ ପଦ୍ମ ପୋଖରୀରେ ବୁଡ଼ ପକାଇବାକୁ ମନସ୍ଥ କରିସାରିଥିଲେ। ସେଥିପାଇଁ ସେ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଘନିଷ୍ଠ ହୋଇ କାର୍ଯ୍ୟ କରିଆସୁଥିଲେ। ୨୦୨୪ ନିର୍ବାଚନ ବେଳେ ବିଜେଡ଼ିରେ ଥାଇ ମଧ୍ୟ ବିଜେଡ଼ି ପ୍ରାର୍ଥୀଙ୍କୁ ସେ ସହଯୋଗ କରିନଥିଲେ। ତଥାପିବି ଗୌତମବୁଦ୍ଧ ବାଜିମାତ୍ କରିବାରେ ସଫଳ ହୋଇଛନ୍ତି। ଅର୍ଥାତ୍ ବିଜେଡ଼ିର ଯାହା କ୍ଷତି ହେବା କଥା, ତାହା ନିର୍ବାଚନ ବେଳେ ହିଁ ହୋଇସାରିଛି। ତେଣୁ ଅଧିକ କ୍ଷତି ହେବାର ସମ୍ଭାବନା କ୍ଷୀଣ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ବିଜେପିର ଶକ୍ତି ବୃଦ୍ଧି ଓ ରାଜନୀତିକ ଚକ୍ରବ୍ୟୁହକୁ ଭେଦକରି ଗୌତମ ଦଳକୁ କେତେ ମଜବୁତ୍ କରିପାରିଛନ୍ତି, ତାହାର ଉତ୍ତର ପଞ୍ଚାୟତ ନିର୍ବାଚନ ହିଁ ଦେବ।

# ରଣପୁର ବିଜେଡି ଆକାଶରେ କଳା 'ବାଦଲ'

ପନ୍ଦର ବର୍ଷ ପରେ ପୁଣି ରଣପୁରରେ ବିଜେପି ଶାସନ ଲେଉଟିଛି। ସୁରମା ପାଢ଼ୀ ଦୀର୍ଘ ପନ୍ଦରବର୍ଷର ପ୍ରତୀକ୍ଷା ଓ ଲଢ଼େଇ ପରେ ବିଧାୟିକା ହୋଇଛନ୍ତି। ଖାଲି ବିଧାୟିକା ହୋଇନାହାନ୍ତି, ତାଙ୍କ ମୁଣ୍ଡ ଉପରେ ମୁକୁଟ ବି ଲାଗିଛି। ଏବେ ସେ ବାଚସ୍ପତି ଅଛନ୍ତି। ପ୍ରୋଟୋକଲ୍ ଅନୁସାରେ ସେ ବେଶ୍ ପାୱାରଫୁଲ୍। କିନ୍ତୁ ବାଚସ୍ପତି ହେଲେ ଅଡୁଆ ଭିତରେ ମୁସ୍କିଲ୍ ବି ରହିଛି। କାହିଁକିନା ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁସାରେ ବାଚସ୍ପତି କେଉଁ ଦଳର ନୁହଁନ୍ତି। ଯାହାଫଳରେ ବିଧିବଦ୍ଧ ଭାବେ ଦଳୀୟ କାର୍ଯ୍ୟକ୍ରମ ଆୟୋଜନ କରିବା ତାଙ୍କ ପାଇଁ ସମ୍ଭବ ନୁହେଁ। ଅତଏବ ଏହା ବିଜେଡ଼ି ନେତାଙ୍କୁ ସୁହାଇବା କଥା। ଅବଶ୍ୟ ସୁରମା ଅଭିଜ୍ଞ ନେତ୍ରୀ ହୋଇଥିବାରୁ ନିଜର ସାମ୍ବିଧାନିକ ଦାୟିତ୍ୱ ସହ ସାଂଗଠିନକ କର୍ତ୍ତବ୍ୟ ବି ସୁଚାରୁ ରୂପେ ସମ୍ପାଦିତ କରୁଛନ୍ତି। ଏମିତିବି ସମସ୍ତେ ଜାଣନ୍ତି ସାଂସଦ ସମ୍ବିତ ପାତ୍ରଙ୍କ ସହ ତାଙ୍କର ଅହି ନକୁଳ ସମ୍ପର୍କ। ଗତ ଚବିଶ ନିର୍ବାଚନ ବେଳେ ସମ୍ବିତ ସୁରମାଙ୍କ ଟିକେଟ୍ କାଟି ତାପସ ରଞ୍ଜନ ମାର୍ଥାଙ୍କୁ ଧରାଇ ଦେଇଥିଲେ। ହେଲେ ସୁରମାଙ୍କ ଲବି ଆଗରେ ସମ୍ବିତଙ୍କ ଚାଲ କାମ କରିନଥିଲା। ଶେଷରେ ତାପସଙ୍କ ଟିକେଟ୍ କାଟି ସୁରମାଙ୍କୁ ଦଳ ଟିକେଟ ଦେବାକୁ ବାଧ ହୋଇଥିଲା। ସୁରମା ଜିତିବା ପରେ ଏବେ ତାପସ ପୂରା ନୀରବ ହୋଇଯାଇଛନ୍ତି। ତାଙ୍କୁ ଆଉ ଆଗଭଳି ସକ୍ରିୟ ହେବା ଦେଖିବାକୁ ମିଳୁନାହିଁ।



ଆଜିକା ଦିନରେ ରଣପୁରର ଟାଣୁଆ ବିଜେଡ଼ି ନେତା ହେଉଛନ୍ତି ସତ୍ୟ ନାରାୟଣ ପ୍ରଧାନ। ୨୦୦୯ରେ ସେ ପ୍ରଥମ ଥର ପାଇଁ ବାଜିମାତ୍ କରିଥିଲେ। କିନ୍ତୁ ନବୀନ ନିବାସର ସରୋଜ ସାହୁଙ୍କର ପତିଆରା ଥିବାରୁ ରବି ନାରାୟଣ ମହାପାତ୍ର ରଣପୁର ରାଜନୀତିରେ ମୁଣ୍ଡ ଟେକିଥିଲେ। ପ୍ରଥମେ ରାଜ୍ୟସଭା ସାଂସଦ ହେବା ସହ ପରେ ସେ ବିଧାୟକ ବି ହୋଇଥିଲେ । କିନ୍ତୁ ରବି ନାରାୟଣ ଭିଡ଼କୁ ନଥିବାରୁ ପୁଣି ୨୦୧୯ରେ ଦଳ ସତ୍ୟନାରାୟଣ ପ୍ରଧାନ ବା ବାଦଲଙ୍କୁ ଟିକେଟ ମିଳିଥିଲା। ଚବିଶରେ ପୁଣି ତାଙ୍କୁ ଟିକେଟ୍ ମିଳିଥିଲେବି ସେ ହାରି ଯାଇଥିଲେ। ଏକଦା ବିଜେଡ଼ିକୁ ମଜବୁତ କରୁଥିବା ବାଦଲଙ୍କ ନାମରେ ଦଳକୁ ଦୁର୍ବଳ କରିବାର ଦୁର୍ନାମ ଆସୁଛି। ରଣପୁର ରାଜନୀତିରେ ହେଉଥିବା ଚର୍ଚ୍ଚା ଅନୁଯାୟୀ, ସୁରମାଙ୍କ ସହ ଟିକେ କଥା ହୋଇଗଲେ, ବାଦଲ ତାଙ୍କୁ ଦଳରୁ ବାହାର କରିବାର ଓର ଉଣ୍ଡୁଛନ୍ତି। ରଣପୁର ଏନଏସି ଅଧ୍ୟକ୍ଷା ରଙ୍ଗୀନ ମହାନ୍ତିଙ୍କୁ ଗତବର୍ଷ ଅଗଷ୍ଟରେ ଦଳରୁ ନିଲମ୍ବନ କରି ଦିଆଗଲା। କାହିଁକିନା ସେ ସୁରମାଙ୍କ ସହ ସମ୍ପର୍କ ରଖିଥିଲେ। ସୁରମା ବାଚସ୍ପତି ହେବାପରେ ତାଙ୍କର କ୍ଷମତା ବଢ଼ିବା ସ୍ୱାଭାବିକ। ତେଣୁ ଏନଏସିର କାମଦାମ ପାଇଁ ସୁରମାଙ୍କ ସହଯୋଗ ନିହାତି ଦରକାର । ତେବେ ବାଦଲ କିନ୍ତୁ ଏହାକୁ ସହି ପାରିଲେନି। ତାଙ୍କୁ ନିଲମ୍ବନ କରିବା ପାଇଁ ଦଳକୁ କହିଲେ। ଯାହାଫଳରେ ରଙ୍ଗୀନ ଏବେ ସ୍ୱାଧୀନ ଭାବେ ନିଷ୍ପତ୍ତି ନେଇପାରୁଛନ୍ତି। ଦଳର କଟକଣା ରହିଲାନି। ସେପଟେ ସୁରମାଙ୍କ ସହ ଯୋଡ଼ି ହୋଇଯିବାରୁ ତାଙ୍କର କାମଦାମ ବି ବେଶ୍ ସୁରୁଖୁରୁରେ ହୋଇପାରୁଛି। ଖାଲି ଗଙ୍ଗୀନ ନୁହଁନ୍ତି, ବିଜେଡ଼ିର ଜଣେ ଯୁବନେତା ବି ସୁରମାଙ୍କୁ ଭେଟିବାକୁ ଯାଇଥିବାରୁ ତାଙ୍କୁ ନିଲମ୍ବନର ଧମକ ଯାଇଥିଲା। କ୍ଷମତା ଆଡ଼କୁ ଆକର୍ଷିତ ହେବା ନେତାଙ୍କର ସ୍ୱାଭାବିକ ଗୁଣ। କିନ୍ତୁ ନିଲମ୍ବନର ଧମକ ଦେଖାଇ 'ବାଦଲ' ସଂଗଠନ ପାଇଁ ଭୋଟ୍ ବର୍ଷା କରିବେ ନା ବିଜେଡ଼ି ଆକାଶ ପାଇଁ କଳାବାଦଲ ହୋଇଯିବେ ତାହା ପଞ୍ଚାୟତ ନିର୍ବାଚନ ବେଳେ ହିଁ ଜଣାପଡ଼ିଯିବ।

# ସୁର-ବାଇଧର କଳି

## ଫାଇଦାରେ ତୁଷାର







୨୦୨୯ ବେଳକୁ ସୀମା ପୁନଃଗଠନ ହେବ। ସଂରକ୍ଷଣ ବି ବଦଳିବ। ବିଧାନସଭା ଆସନ ବି ବଢ଼ିବ। ଏନେଇ ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇନଥିଲେବି ନେତାମାନେ କିନ୍ତୁ ଅନେକ ଆଶା ନେଇ ସଂଗଠନ କାମରେ ମାତିଗଲେଣି। ଆଗାମୀ ଦିନରେ ହେବାକୁ ଥିବା ଏମିତି ସମୀକରଣର ସୂତ୍ର ଆଧାରରେ ଏବେ କାକଟପୁର ନେତାମାନେ ଅଙ୍କକଷା ଆରମ୍ଭ କରିଦେଇଛନ୍ତି ।

ଏକଦା କାକଟପୁର ଥିଲା ସୁରେନ୍ଦ୍ର ନାଥ ନାୟକଙ୍କ ଗଡ଼। କିନ୍ତୁ ୨୦୦୯ରେ କାକଟପୁର ସଂରକ୍ଷିତ ହୋଇଯିବାରୁ ସୁରେନ୍ଦ୍ରଙ୍କ ରାଜନୀତିକ କ୍ୟାରିୟରରେ ଫୁଲଷ୍ଟପ୍ ଲାଗି ଯାଇଥିଲା। ତଥାପିବି ତାଙ୍କ ପ୍ରତିଥିବା ଜନସମର୍ଥନ ଓ ସଂଗଠନ ଆଧାରରେ ପୁଅ ସ୍ୱାଧୀନ ନାୟକ କାକଟପୁର ରାଜନୀତିକୁ ହାତମୁଠାରେ ରଖିଥିଲେ। ସେ ନିଜେ ଲଢ଼ିପାରୁନଥିଲେବି ବିଧାୟକଙ୍କ ବିଜୟରେ ସେ ହିଁ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ। ଏବେ କାକଟପୁରରେ ବିଜେଡ଼ିର ମଙ୍ଗ ଧରିଛନ୍ତି ତୁଷାରକାନ୍ତି ବେହେରା। ଏକଦା ବିଜେପି ଟିକେଟ୍ ପାଇଥିବା ତୁଷାର, ବିଜେଡ଼ିରେ ଯୋଗଦେଇ ବିଧାୟକ ଓ ମନ୍ତ୍ରୀ ହେବାର ସୌଭାଗ୍ୟ ପାଇଛନ୍ତି । ପୂର୍ବରୁ ସ୍ୱାଧୀନ ଓ ତୁଷାରଙ୍କ ମଧ୍ୟରେ ଶୀତଳଯୁଦ୍ଧ ଚାଲିଥିଲା। କିନ୍ତୁ ୨୦୨୯ ବେଳକୁ କାକଟପୁର ଅଣସଂରକ୍ଷିତ ହେବ ଅଥବା କୋଣାର୍କ ନୂଆ ନିର୍ବାଚନମଣ୍ଡଳୀ ଭାବେ ଉଭା ହେବବୋଲି ଚର୍ଚ୍ଚା ଜୋର୍ ଧରିଥିବାରୁ ସ୍ୱାଧୀନ ଓ ତୁଷାର ଏକ ହୋଇ ବିଜେଡ଼ି ସଂଗଠନ କରୁଥିବା ଦେଖିବାକୁ ମିଳୁଛି। ବିଶେଷକରି ଗୋପ ବ୍ଲକର ୧୪ ପଞ୍ଚାୟତରେ ଏବେ ବିଜେଡ଼ି ମଜବୁତ୍ ହେଉଥିବା ଲକ୍ଷ୍ୟ କରାଯାଉଛି । ଖାଲି ଗୋପ ନୁହେଁ, ଅସ୍ତରଙ୍ଗ ଓ କାକଟପୁରରେ ବିଜେଡ଼ି ନେତାମାନେ ଏକାଠି ହୋଇ ରଣନୀତି କରୁଛନ୍ତି ।

ସେପଟେ ବିଜେପିରେ ଏବେ ଅଜବ ସ୍ଥିତି ସୃଷ୍ଟିହୋଇଛି। ଦଳ ସରକାରକୁ ଆସିବା ପରେ ଅନେକ ନେତା ମୁଣ୍ଡ ଟେକିବା ଆରମ୍ଭ କରିଦେଇଛନ୍ତି। ଗତ ନିର୍ବାଚନରେ ବାଇଧର ମଲ୍ଲିକ ପରାସ୍ତ ହୋଇଥିବାବେଳେ ୨୦୨୯ ପାଇଁ ସେ ଆଶାବାଦୀ ଅଛନ୍ତି। ସେପଟେ ବିଜେଡ଼ିରୁ ଯାଇ ଟିକେଟ ପାଇନଥିଲେବି ସୁରେନ୍ଦ୍ର ସେଠି ଆଶା ଛାଡ଼ିନାହାନ୍ତି। ଏବେ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଅଛନ୍ତି ଆରତୀ ନାୟକ। ତାଙ୍କ ସହ ବାଇଧରଙ୍କର ଭଲ ସମ୍ପର୍କ ରହିଛି । ସେପଟେ ଅସ୍ତରଙ୍ଗ ବ୍ଲକର ସାଂସଦ ପ୍ରତିନିଧି ଦିବାକର ଛାଟୋଇ ଓ ସାଂସଦଙ୍କ ପୁରୀ ଜିଲ୍ଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁ ବି ଏକାଠି ସଂଗଠନ ଜାରି ରଖିଛନ୍ତି। କାକଟପୁର ଅଣସଂରକ୍ଷିତ ହେବାର ସମ୍ଭାବନାକୁ ଆଖି ଆଗରେ ରଖି ଏବେ ସୁଦର୍ଶନ ଚୋଟି ଚଳାଇବା ଆରମ୍ଭ କରିଛନ୍ତି । ସାଂସଦଙ୍କ ସହଯୋଗରେ ସେ ଅଞ୍ଚଳର ବିକାଶ ଉପରେ ଫୋକସ୍ କରୁଥିବା ଦେଖିବାକୁ ମିଳିଛି । କାକଟପୁରରେ ଏବେ ବ୍ଲକ ଅଧ୍ୟକ୍ଷ ଅଛନ୍ତି ଶ୍ରୀଧର ନାୟକ । ଶ୍ରୀଧର ହେଉଛନ୍ତି ସୁରେନ୍ଦ୍ରଙ୍କ ଖାସ୍ ଅନୁଗତ । ତେଣୁ କାକଟପୁରରେ ବିଜେପିର ମଙ୍ଗ ଧରିଛନ୍ତି ସୁରେନ୍ଦ୍ର । ଉଭୟ ସୁରେନ୍ଦ୍ର ଓ ବାଇଧରଙ୍କ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଦେଖିବାକୁ ମିଳୁଛି । ଦଳ ଆଗରେ ପତିଆରା ଦେଖାଇବା ପାଇଁ ଗୋଛିକଟା ରାଜନୀତି ବି ଜୋରଧରିଛି । ଗାଏମୋଟ୍ କହିଲେ, ଗୋଟିଏ ପଟେ ବିଜେପିରେ ପତିଆରା ଜାହିର କରିବାକୁ ଶୀତଳଯୁଦ୍ଧ ଚାଲିଥିବାବେଳେ ରାଜନୀତିକ ଭବିଷ୍ୟତ ଓ ଦଳକୁ ମଜବୁତ କରିବା ପାଇଁ ଦୁଇ ବିଜେଡ଼ି ନେତା ତୁଷାରକାନ୍ତି ବେହେରା ଓ ସ୍ୱାଧୀନ ନାୟକ ହାତ ମିଳାଇଛନ୍ତି । ଯଦି ବିଜେପିରେ ଏମିତି ବାଦିପାଲା ଜାରିରହେ, ତେବେ ପଞ୍ଚାୟତ ନିର୍ବାଚନରେ ତୁଷାର ଓ ସ୍ୱାଧୀନ ଏହାର ଫାଇଦା ନେଲେ ଆଶ୍ଚର୍ଯ୍ୟ ହେବାର ନାହିଁ ।

# ନବୀନ ଫିଟ୍ ଆଣ୍ଡ ଫାଇନ୍ !

## ବିରୋଧୀ ଚିନ୍ତାରେ, ଅସନ୍ତୁଷ୍ଟ ଚୁପ୍



**ସମର ପ୍ରଧାନ, ସମ୍ପାଦକ, ମିଡ଼ଡ଼େ ଓଡ଼ିଶା**

ନବୀନ ପଟ୍ଟନାୟକଙ୍କୁ ଆଜିକାଲି ସଭାସମିତି ଏବଂ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଲାଣି। ଜଣେ ରାଜନେତାଙ୍କ ପାଇଁ ଏହା ସାଧାରଣ କଥା ହୋଇଥିଲେ ମଧ୍ୟ ନବୀନଙ୍କୁ ଏହାର ବ୍ୟତିକ୍ରମ କୁହାଯାଏ। ନିର୍ବାଚନରେ ହାରିବା ପରଠାରୁ ସେ ନବୀନ ନିବାସରୁ ବିଶେଷ ବାହାରୁ ନଥିଲେ। ଶଙ୍ଖଭବନକୁ କ୍ୱଚିତ୍ ଆସୁଥିଲେ। ମୁମ୍ବାଇରୁ ଅପରେସନ୍ ହୋଇ ଫେରିଲା ପରେ ବିଶ୍ରାମ ଆଳରେ ଏସବୁ ବି ବନ୍ଦ ହୋଇଗଲା। କାହା ସହ କଥା ହେବା ଦୂରେ ଥାଉ, କାହାରିକୁ ଦର୍ଶନ ବି ଦେଉନଥିଲେ। ସେହି ସମୟରେ ନୂଆପଡା ଉପନିର୍ବାଚନ ପ୍ରଚାର ମଇଦାନକୁ ଓହ୍ଲାଇବା ତାଙ୍କ ପାଇଁ ବୁମେରାଂ ହେଲା। ତାଙ୍କର ବୟସ ଏବଂ ଦୁର୍ବଳ ସ୍ୱାସ୍ଥ୍ୟକୁ ନେଇ ସାଧାରଣରେ ଅନେକ ଆଲୋଚନା ହେଲା। ନବୀନ ପଟ୍ଟନାୟକଙ୍କ ପାଖରେ ଆଉ ଲଢ଼ିବାର ବୟସ କି ଦମ୍ଭ ନାହିଁ ବୋଲି ସମସ୍ତେ ଧରିନେଲେ। ସେଥିପାଇଁ ନିଜ ଦଳରୁ ତାଙ୍କୁ କିଏ 'ଆହା' କହିଲେ ତ ବିରୋଧୀଙ୍କ ପକ୍ଷରୁ ତାଚ୍ଛଲ୍ୟ କଲେ। ନବୀନ ପଟ୍ଟନାୟକଙ୍କର ସମୟ ସରିଗଲା ବୋଲି ପ୍ରଚାର ହେଲା।

ମାତ୍ର ତାଙ୍କ ନାଁରେ ଯାହା ସବୁ ଆଲୋଚନା ହେଉଛି ତାହାର ସତ୍ୟତା ନାହିଁ। ଏକଥା ଆମେ କହୁନୁ। ନବୀନ ବାବୁ ତାଙ୍କ କାର୍ଯ୍ୟରେ ଦେଖାଇବା ଆରମ୍ଭ କରିଛନ୍ତି। ଏଇ କିଛିଦିନର କାର୍ଯ୍ୟକଳାପରୁ ତାଙ୍କର ସକ୍ରିୟତା ବାରି ହେଉଛି। ଯେତେବେଳେ ସେ ଅସୁସ୍ଥ ବୋଲି ପ୍ରବଳ ଚର୍ଚ୍ଚା ହେଉଥିଲା ସେତେବେଳେ ସାଂସଦ ଅପରାଜିତା ଷଡଙ୍ଗୀଙ୍କ ଆମନ୍ତ୍ରଣ ରକ୍ଷା କରି ତାଙ୍କ ଝିଅ ବାହାଘର ଭୋଜିରେ ଯୋଗଦେଇଥିଲେ। ଗଲା ରବିବାରରେ ସେ ତାଙ୍କର ଜଣେ ବନ୍ଧୁ ସ୍ୱନାମଧନ୍ୟ ଡାକ୍ତର ଶଙ୍କର ଆଚାର୍ଯ୍ୟଙ୍କ ପୁଅଙ୍କ ବିବାହ ଭୋଜିରେ ଯୋଗଦେବାକୁ ଘାଟିକିଆସ୍ଥିତ ଭୁବନେଶ୍ୱର କ୍ଲବ୍ ଆନେକ୍ସକୁ ଯାଇଥିଲେ। ସେଠାରେ ତାଙ୍କର ଗୁପଚୁପ୍ ଖାଇବା ଦୃଶ୍ୟ ସୋସିଆଲ୍ ମିଡିଆରେ ଛାଇ ହୋଇଗଲା। ତା' ପରଦିନ ଲଳିତ କଳା ଏକାଡେମୀରେ ଆୟୋଜିତ ଜଗନ୍ନାଥ ପଣ୍ଡାଙ୍କ କଳା ପ୍ରଦର୍ଶନୀ 'ଦ ଲଙ୍ଗ ଅଫ ଅସ୍' କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଧାନସଭାରେ ରାଜା ସ୍ୱାଇଁଙ୍କୁ ଦେଖି ତାଙ୍କ ପୁଅ ବାହାଘର ତାରିଖ ପଚାରି ବୁଝିଥିଲେ।

ଖାଲି ସେତିକି ନୁହେଁ, ନବୀନ ବାବୁ ମୁଖ୍ୟମନ୍ତ୍ରୀ ଥିବା ବେଳେ ବିଧାନସଭାକୁ ନିୟମିତ ଆସୁନଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବେଳେ ପ୍ରାୟତଃ ଅନୁପସ୍ଥିତ ରହୁଥିଲେ। ଅପରାହ୍ନ ୫ଟା ପୂର୍ବରୁ କେବେ ବିଧାନସଭା ଆସୁନଥିଲେ। ମାତ୍ର ବିରୋଧୀ ଦଳ ନେତା ଭାବେ ସେ ତାଙ୍କର ଅଭ୍ୟାସ ବଦଳାଇଛନ୍ତି। ଅଧିକାଂଶ ଦିନ ଗୃହରେ ଉପସ୍ଥିତ ରହୁଛନ୍ତି। ବାହାରେ ଅପେକ୍ଷାରତ ଗଣମାଧ୍ୟମକୁ କାଗଜ ନ ପଢ଼ି ବାଇଟ୍ ଦେଉଛନ୍ତି। ବଜେଟ୍ ଉପରେ ତାଙ୍କର ଧାଡିକିଆ ପ୍ରତିକ୍ରିୟା 'ଫୁଲ୍ ଅଫ ମେନ୍ୟୁ ଇନ୍ ଏମ୍ପଟି କିଚେନ୍' ସାଧାରଣରରେ ଆଲୋଚନାର ବିଷୟ ପାଲଟିଥିଲା। ଚାଷୀ ସମସ୍ୟାକୁ ନେଇ ଦଳୀୟ ବିଧାୟକମାନେ ହଟ୍ଟଗୋଳ କରୁଥିବା ବେଳେ ସେ ବିଧାନସଭା ଗୃହକୁ ଝଡ ଭଳି ପ୍ରବେଶ କରୁଥିବାର ଦୃଶ୍ୟ ବିରଳ ଥିଲା। ସାଧାରଣ ବଜେଟ୍ ଆଲୋଚନା ଦିନ ଅପରାହ୍ନ ୪ଟାରେ ବିଧାନସଭାରେ ହାଜର ହୋଇଥିଲେ। ସେହିଭଳି ପ୍ରବଳ ଖରା ସତ୍ତ୍ୱେ ୨୪ ତାରିଖ ଦିନ ଲୋୟର ପିଏମଜିରେ ଅନୁଷ୍ଠିତ ଚାଷୀ ସୁରକ୍ଷା ସମାବେଶରେ ଯୋଗଦେଇଥିଲେ। ରାଜ୍ୟର ବିଜେପି ସରକାରଙ୍କ ଜନବିରୋଧୀ କାର୍ଯ୍ୟ ଏବଂ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବିରୋଧରେ ଆନ୍ଦୋଳନ ଡାକରା ଏବଂ ସରକାରକୁ କୁମ୍ଭକର୍ଣ୍ଣ ନିଦରୁ ଉଠାଇବାକୁ ତାଙ୍କର ଆହ୍ୱାନ କର୍ମୀମାନଙ୍କୁ ପ୍ରବଳ ଉତ୍ସାହିତ କରିଥିଲା ।

> ନବୀନଙ୍କର ହାବଭାବରୁ ତାଙ୍କର ଦଳ ପରିଚାଳନାରେ ସାମର୍ଥ୍ୟ ଓ ଆଗ୍ରହର ଅଭାବ ନଥିବା ରାଜନୈତିକ ପର୍ଯ୍ୟବେକ୍ଷକ ମହଲରେ ଆଲୋଚନା ହେଉଛି। ବୟସ ଅଧିକ ହୋଇଥିଲେ ମଧ ଶାରୀରିକ ଓ ମାନସିକ ସ୍ତରରେ ସେ ଯେ ଦୃଢ଼ ଅଛନ୍ତି ତାଙ୍କ କାର୍ଯ୍ୟକଳାପରୁ ଜଣାପଡୁଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନବୀନ ନିବାସରେ ଏବେ ତାଙ୍କୁ ନେତାମାନେ ଆରାମରେ ସାକ୍ଷାତ କରିପାରୁଛନ୍ତି। ନବୀନ ସେମାନଙ୍କ ସହ ବିଭିନ୍ନ ବିଷୟରେ ସିଧାସଳଖ ଆଲୋଚନା କରୁଛନ୍ତି । ଆଗରୁ ଭି. କେ ପାଣ୍ଡିଆନଙ୍କୁ ନବୀନଙ୍କ ପାଖେ ପାଖେ ଦେଖିବାକୁ ମିଳୁଥିଲା। ନବୀନଙ୍କ ଇଚ୍ଛା ପାଣ୍ଡିଆନଙ୍କ ଜରିଆରେ ପରିପ୍ରକାଶ ହେଉଥିଲା। ମାତ୍ର ଏବେ ନବୀନ ନିଜେ ସବୁ କଥା ଶୁଣୁଛନ୍ତି, କହୁଛନ୍ତି। ନବୀନ ନିବାସରେ ପାଣ୍ଡିଆନଙ୍କୁ ଦେଖିବାକୁ ମିଳୁନି। ସେ ଭୁବନେଶ୍ୱରରେ ଅଛନ୍ତି ନା ଦିଲ୍ଲୀ କି ଲଣ୍ଡନରେ ଅଛନ୍ତି ତାହାର ସାମାନ୍ୟତମ ସୂଚନା କୌଣସି ନେତାଙ୍କ ପାଖରେ ନାହିଁ। ସୁତରାଂ ନବୀନ ଏହି ବୟସରେ ବି ନିଜେ ପାରିବାର, ତାହା କାର୍ଯ୍ୟରେ ଦେଖାଉଛନ୍ତି । ନବୀନଙ୍କର ହାବଭାବରୁ ତାଙ୍କର ଦଳ ପରିଚାଳନାରେ ସାମର୍ଥ୍ୟ ଓ ଆଗ୍ରହର ଅଭାବ ନଥିବା ରାଜନୈତିକ ପର୍ଯ୍ୟବେକ୍ଷକ ମହଲରେ ଆଲୋଚନା ହେଉଛି। ବୟସ ଅଧିକ ହୋଇଥିଲେ ମଧ ଶାରୀରିକ ଓ ମାନସିକ ସ୍ତରରେ ସେ ଯେ ଦୃଢ଼ ଅଛନ୍ତି ତାଙ୍କ କାର୍ଯ୍ୟକଳାପରୁ ଜଣାପଡୁଛି।

ରୋଚକ କଥାଟି ହେଉଛି, ନବୀନଙ୍କର ଏହି ସକ୍ରିୟତା ସରକାର ଏବଂ ସରକାରୀ ଦଳଙ୍କ ପାଇଁ ଯେତିକି ଅସୁବିଧା ସୃଷ୍ଟି କରିନି, ଦଳ ଭିତରେ ମୁଣ୍ଡ ଟେକୁଥିବା ଅସନ୍ତୁଷ୍ଟଙ୍କୁ ବେଶୀ ଅସୁବିଧାରେ ପକାଇ ଦେଇଛି । ନବୀନଙ୍କ ନିଷ୍କ୍ରିୟତାର ସୁଯୋଗରେ କିଛି ନେତା କରୁଥିବା ମେଳି ଓ ଭୋଜିଭାତ ବନ୍ଦ ହୋଇଯାଇଛି । ଖାସ୍ କରି ମୁଣ୍ଡ ଉପରେ ରାଜ୍ୟସଭା ନିର୍ବାଚନ ଥିବା ସତ୍ତ୍ୱେ ଦଳ ବିରୋଧୀ କାର୍ଯ୍ୟ ପାଇଁ ଦୁଇ ବିଧାୟକଙ୍କୁ ନିଲମ୍ବିତ କରିବାର ସାହସିକତା ଆଗରେ ଅସନ୍ତୁଷ୍ଟଙ୍କ ଯୋଜନା ମାଡ ଖାଇଯାଇଛି । ଗଣମାଧ୍ୟମ କ୍ୟାମେରା ଦେଖିଲେ ତଥାକଥିତ ଅସନ୍ତୁଷ୍ଟମାନେ ଜାଗା ଛାଡି ପଳାଉଛନ୍ତି ।

ତେବେ ଆଗାମୀ ଦିନରେ ବିଜେଡି ପାଇଁ ଅନେକ ଚ୍ୟାଲେଞ୍ଜ ଥିବା ବେଳେ ନବୀନ ଏହି ଧାରାକୁ ବଜାୟ ରଖିପାରିବେ ନା ନାହିଁ ତାହା ଦେଖିବାର କଥା । ସେ ଏକା ଏକା ଆଗକୁ ବଢ଼ିବେ ନା ତାଙ୍କୁ ସହଯୋଗ କରିବା ପାଇଁ ସେକେଣ୍ଡ ଇନ୍ କମାଣ୍ଡ ଖୋଜିବେ ତାହା ସମସ୍ତଙ୍କର ଉତ୍କଣ୍ଠା ବଢ଼ାଇଛି ।

ଗର୍ବିତ ଓଡ଼ିଆ
ODIA WEEKLY GARVIT ODIA

Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor: BALARAM RANASINGH
Bureau Head: BHABANI PRASAD DAS